

ବ୍ରାହ୍ମ ମୁହୂର୍ତ୍ତ ଓ ସନ୍ଧ୍ୟା ସମୟରେ ମନ ଶାନ୍ତି ଓ ପବିତ୍ର ଥାଏ। ଏହି ସମୟରେ ଭଗବାନଙ୍କୁ ଡାକିବା। ଅସୁସ୍ଥ ଥିଲେ ବା କାର୍ଯ୍ୟର ଚାପ ଥିଲେ ଥରେ ସ୍ମରଣ ବା ପ୍ରଣାମ କଲେ ଚଳିବ।

- ମା' ଶାରଦାଦେବୀ



## ସଂକ୍ଷେପରେ

### ଯୁବ ଭୋଟରଙ୍କୁ ସାମିଲ ପଦକ୍ଷେପ

**ଯାଜପୁରଅଫିସ,୧୨।୨:** ଯାଜପୁର ଜିଲା ବରୁହାଁସ୍ଥିତ ଆଇଟିଆଇ ପରିସରରେ ମଙ୍ଗଳବାର ଭୋଟର ତାଲିକାରେ ଯୁବ ଭୋଟରଙ୍କୁ ସାମିଲ ଓ ମତଦାତା ସାକ୍ଷରତା କ୍ଲବ ଗଠନ ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମୁଖ୍ୟ ପ୍ରଶିକ୍ଷକ ଭାବେ ଯୋଗଦେଇ ଯୁବ ଭୋଟରମାନେ ମତଦାନ ପାଇଁ ସର୍ବଦା ଆଗ୍ରହ ପ୍ରକାଶ କରିଥାନ୍ତି। ତେଣୁ ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ କ୍ରମେ ୧।୧।୨୦୧୯ ତାରିଖ ସୁଦ୍ଧା ୧୮ବର୍ଷ ହୋଇଥିବା ଯୁବ ବର୍ଗଙ୍କୁ ଭୋଟର ତାଲିକାର ସାମିଲ ପାଇଁ ଗୁରୁତ୍ୱ ଦିଆଯାଇଛି ବୋଲି କହିଥିଲେ। ସମସ୍ତ ବୁଥସ୍ତରୀୟ ଅଧିକାରୀମାନେ ଏସମ୍ପର୍କରେ ପଦକ୍ଷେପ ନେବା ସହ ଯେପରି ସେମାନଙ୍କ ବୁଥ୍ ଅଞ୍ଚଳ ମଧ୍ୟରେ ଜଣେ ହେଲେ ବି ଯୁବ ଭୋଟର ତାଲିକାରୁ ବାଦ ନ ପଡନ୍ତି ସେଥିପ୍ରତି ଯତ୍ନବାନ ହେବାକୁ ସେଠୀ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନ ଅଧକ୍ଷ ଦୀପକ ରଞ୍ଜନ ପଟ୍ଟନାୟକ ଓ ସୁପରଭାଇଜର ଶ୍ରୀଧର ରାଉତ ମତଦାନ ହାର ବୃଦ୍ଧି, ଭୋଟରମାନଙ୍କ ଦାୟିତ୍ୱ, ସଂଶୋଧନ ଇତ୍ୟାଦି ସମ୍ପର୍କରେ ଆଲୋକପାତ କରିଥିଲେ। ଉପସ୍ଥିତ ବିଏଲ୍ଓ ଓ ସୁପରଭାଇଜରମାନେ ବୁଥ୍ସ୍ତରରେ କେତେକ ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ।

### ରଙ୍ଗପୁରରେ ପୂଜ୍ୟପୂଜା କାର୍ଯ୍ୟକ୍ରମ



**ଯାଜପୁରଅଫିସ,୧୨।୨:** ଦକ୍ଷିଣ ବ୍ରହ୍ମବେଦୀ ଭାଗବତ ପ୍ରଚାର ସମିତି ଯୁବଶାଖା ପକ୍ଷରୁ ରଙ୍ଗପୁରଠାରେ ସୋମବାର ଏକ ପୂଜ୍ୟପୂଜା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମା ବୀଣାପାଣି ଫାଉଣ୍ଡେଶନ କ୍ଲବର ସଭାପତି ସତ୍ୟବ୍ରତ ଶତପଥୀଙ୍କ ଅଧକ୍ଷତାରେ ଲୋକ ସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ପୂଜ୍ୟପୂଜାର ପରମ୍ପରା ଭାରତୀୟ ସଂସ୍କୃତିରେ ଅତୀବ ପ୍ରାଚୀନ ବୋଲି କହିଥିଲେ। ସଂପ୍ରତି ଯେପରି ସାମାଜିକ ବ୍ୟବସ୍ଥା ଓ ସଂସ୍କାରର ଅବକ୍ଷୟ ଦେଖାଦେଇଛି, ତାହାକୁ ଭାଗବତ ପ୍ରଚାର ପ୍ରସାର ସମିତି ମାଧ୍ୟମରେ ପୁନରୁଦ୍ଧାର କରିବା ଏକ ପ୍ରଶଂସନୀୟ ପଦକ୍ଷେପ ବୋଲି ସେ କହିଥିଲେ। ପ୍ରାଧାପକ ବଳରାମ ମହାନ୍ତି, ଶିକ୍ଷାବିତ ବିପିନ ବିହାରୀ ଜେନା, ଚିନ୍ମୟ ଫାଉଣ୍ଡେସନର ଅଧକ୍ଷ ଚିନ୍ମୟ ଦାସ, ଯୋଗଗୁରୁ ମନ୍ମଥ ସାମଲ, ଧ୍ରୁବ ଭାଇ ପ୍ରମୁଖ ଯୋଗଦେଇ ଭାଗବତ ପ୍ରଚାର ସମିତିର ଆଭିମୁଖ୍ୟ, ଯୁବ ସମାଜର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସଂପର୍କରେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଶିକ୍ଷାବିତ୍ ବିପିନ ବିହାରୀ ଜେନା ଓ ପଞ୍ଚାନନ ଦାସ, କବି ଓ ସମାଜସେବୀ ନବ କିଶୋର ପଣ୍ଡା, ନୃତ୍ୟ ଓ ସଂଗୀତ ଗୁରୁ କୃଷ୍ଣ ଚନ୍ଦ୍ର ମାଝୀ, ଶିକ୍ଷାବିତ୍ ନୀଳମଣି ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

### ସାମାଜିକ ନ୍ୟାୟ ଅଭିଯାନ କର୍ମଶାଳା

**ଧର୍ମଶାଳା, ୧୨।୨(ଡି.ଏନ୍.ଏ.):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜାରକାସ୍ଥିତ ପ୍ରୟାଗ କଲ୍ୟାଣ ମଣ୍ଡପରେ ସାମାଜିକ ନ୍ୟାୟ ଅଭିଯାନ ଓଡ଼ିଶା ଓ ସାମାଜିକ ନ୍ୟାୟ ଅଭିଯାନ ଯାଜପୁରର ମିଳିତ ଆନୁକୂଲ୍ୟରେ ମଙ୍ଗଳବାର ଏକ ରାଜ୍ୟସ୍ତରୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ କମିଟି ସଦସ୍ୟ ତଥା ଯାଜପୁର ଜିଲା ଆବାହକ ଦେବବ୍ରତ ରାଉତଙ୍କ ସଭାପତିତ୍ୱରେ କର୍ମଶାଳାରେ ପ୍ରଶିକ୍ଷକଭାବେ ସାମାଜିକ ନ୍ୟାୟ ଅଭିଯାନର ରାଜ୍ୟ ଆବାହକ ଅକ୍ଷୟ ମଲିକ୍ ଓ ଚିରାଗ ରଥ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ପୂର୍ବତନ ଜିଲା ପରିଷଦ ସଦସ୍ୟ ତଥା ସରପଞ୍ଚ ନିର୍ମଳ ସାମଲ, କମ୍ରେଡ ରବୀନ୍ଦ୍ର ଧୀର, ଯାଜପୁର ଜିଲା ଦୁର୍ନୀତି ନିବାରଣ ସଭାପତି ଦୁର୍ଗାପ୍ରସନ୍ନ ଦାଶ, ସାମାଜିକ ନ୍ୟାୟ ଅଭିଯାନ ବରୀ ବ୍ଲକର ଷ୍ଟାଲିନ୍ ଜେନା, କାଳନ୍ଦି ମଲିକ, କାଜଲ ବେହୁରା, ଅନିରୁଦ୍ଧ ସାମନ୍ତରାୟ ପ୍ରମୁଖ ଯୋଗଦେଇଥିଲେ। ଶିବିରରେ ଅମୂଲ୍ୟ ଭୂୟାଁ, ସୁବ୍ରତ ସ୍ୱାଇଁ, ମାନସ ରାଉତ, ଅଶ୍ୱିନୀ ଶତପଥୀ, ଶଶୀକାନ୍ତ ମଲିକ, ଶଙ୍କର ପ୍ରତାପ ଦାସ ଆଲୋଚନାରେ ଅଂଶ ଗ୍ରହଣକରିଥିଲେ। ଯୁବ ସଂଗଠକ ଅମିୟ ପରିଡ଼ା ଅତିଥି ପରିଚୟ ପ୍ରଦାନ ଓ ଦେବାଶିଷ ନାୟକ ସ୍ୱାଗତ ଭାଷଣ ଦେଇଥିଲେ। ଶେଷରେ ବଳରାମ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

## ■ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀ

# ଭୋଟ ବ୍ୟାଙ୍କ ସୁରକ୍ଷିତ ରଖିବାକୁ ପ୍ରୟାସ

■ବ୍ରିଜ୍, ରାସ୍ତା ଭିତ୍ତିପ୍ରସ୍ତର, ଉଦ୍‌ଘାଟନ କାର୍ଯ୍ୟକ୍ରମ କରିବେ ମୁଖ୍ୟମନ୍ତ୍ରୀ

■ଚର୍ଚ୍ଚାରେ ଅବସରପ୍ରାପ୍ତ ଆରଡିସିଙ୍କ ନାମ

**ଯାଜପୁର ଅଫିସ,୧୨।୨**

ସାଧାରଣ ନିର୍ବାଚନ ପାଇଁ ଆଉ କିଛି ଦିନ ମଧ୍ୟରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇବ। ତେଣୁ ସମସ୍ତ ଦଳ ନିଜନିଜର ଲକ୍ଷ୍ୟ ପୂରଣ ପାଇଁ ପ୍ରସ୍ତୁତି ଜୋରସୋରରେ ଆରମ୍ଭ କରି ଦେଲେଣି। ୨୦୧୪ ବିଧାନସଭା ଓ ୨୦୧୭ଜିଲା ପରିଷଦ ନିର୍ବାଚନର ଭୋଟହାରକୁ ପାଥେୟ କରି ଯାଜପୁର ଜିଲାର ୩ପ୍ରମୁଖ ଦଳ ନିର୍ବାଚନ ରଣନୀତି ପ୍ରସ୍ତୁତିରେ ଲାଗିଛନ୍ତି। ୧୯ବର୍ଷ ହେଲା ନିରନ୍ତର କ୍ଷମତା ହାସଲ କରି ଆସୁଥିବା ବିଜେଡି ସହିତ ମୁକାବିଲା କରିବାକୁ ଦୁଇ ବିରୋଧୀ ଭାଜପା ଓ କଂଗ୍ରେସ ବଳ ଯୋଗାଡ଼ରେ ଲାଗିଛନ୍ତି। ଏହିକ୍ରମରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଦଶରଥପୁର ଓ ବିଞ୍ଝାରପୁର ବ୍ଲକରେ ବିଜେଡି ନିଜର ଭୋଟ ବ୍ୟାଙ୍କକୁ ସୁରକ୍ଷିତ ରଖିବାକୁ ୧୫ଟି ବ୍ରିଜ ଓ ରାସ୍ତାର ଭିତ୍ତିଭୂମି ସ୍ଥାପନ ସହ କେତେକ ନୂତନ ପ୍ରକଳ୍ପ ଉଦ୍‌ଘାଟନର କାର୍ଯ୍ୟକ୍ରମ ରଖିଛି। ସପ୍ତାହକ ମଧ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ କାର୍ଯ୍ୟକ୍ରମ ସ୍ଥିର କରିବାକୁ ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ ଯୋଜନା ପ୍ରସ୍ତୁତ କରିଛନ୍ତି।

ଗତ ଜାନୁୟାରୀ ଶେଷ ସପ୍ତାହରେ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଭାଜପାର ୨ଜଣ ଜିଲା ପରିଷଦ ସଭ୍ୟାସଭ୍ୟ, ଭାଜପା ସମର୍ଥିତ ସରପଞ୍ଚ ଓ ସମିତି ସଭ୍ୟ, ସମେତ ଭାଜପାର କେତେକ ଟାଣୁଆ ନେତା ବିଜେଡିରେ ସାମିଲ ହୋଇଥିଲେ। ଏଥିରେ ବିଜେଡି କିଛିମାତ୍ରାରେ ଶକ୍ତିଶାଳୀ ହୋଇଥିବା କୁହାଯାଉଛି। ତେବେ ବିଜେଡିରୁ କ୍ରମାଗତ ଭାବେ ୪ଥର ବିଜୟୀ ହୋଇଆସିଥିବା ପ୍ରମିଳାଙ୍କ ସ୍ଥିତିକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ପ୍ରମିଳାଙ୍କ ବିକଳ୍ପ ଭାବେ ଜଣେ ଅବସରପ୍ରାପ୍ତ ଆରଡିସିଙ୍କୁ ବିଜେଡି ବାଛି ଥିବା ଆଲୋଚନା ହେଉଛି। ଏହି ଆଲୋଚନା କେତେଦୂର ସତ ତାହା ଆକଳନ ହୋଇ ପାରି ନ ଥିଲେ ମଧ୍ୟ ପ୍ରମିଳା କିନ୍ତୁ ବିଚଳିତ ନ ଥିବା ମନେହେଉଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ସଫଳ କରିବାକୁ ସେ ଯୋଜନା ପ୍ରସ୍ତୁତ କରିଛନ୍ତି। ଦଶରଥପୁର ବ୍ଲକର ବୈତରଣୀ ନଦୀର ଦତ୍ତପୁର ଓ ନୂଆପାଟଣାଠାରେ ବ୍ରିଜ୍ ନିର୍ମାଣ, ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନାରେ ଦେୱାନିପାଟନା-ଦିହୁଡିସାହି ରାସ୍ତା, ବାଉତରା ହାଇସ୍କୁଲ-ଯାଜୁଆ ହାଇସ୍କୁଲ ଭାୟା ନଛିନ୍ଦ୍ରପୁର ରାସ୍ତା, ବୃନ୍ଦାବନପୁର-ସାଉଣ୍ଡି ଭାୟା ଚମ୍ପା ରାସ୍ତା, ନାବାର୍ଡ ଯୋଜନାରେ ମନ୍ଦାରଖଣ୍ଡ-ବାବଲପୁର ରାସ୍ତା, ଗୁଣ୍ଟୁଣିପଡ଼ା ବ୍ରିଜ ଓ ଦକ୍ଷୀଣବନ୍ଧ ନିଉ ପିଏଚ୍‌ସି ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି। ସେହିପରି ବିଞ୍ଝାରପୁର ବ୍ଲକର କଣ୍ଟିତର, ବଗମରା ଓ ଅର୍ଗଲକଟ ବ୍ରିଜ୍ ଉଦ୍‌ଘାଟନ, ଉତ୍ତରକୁଳ ଆଦର୍ଶ ବିଦ୍ୟାଳୟ, ବିତନା ଟ୍ରାନ୍ସଫର୍ମର, ସିଂହପୁର ନିଉ ପିଏଚ୍‌ସି ଓ ବିଞ୍ଝାରପୁର କଲ୍ୟାଣମଣ୍ଡପ ଉଦ୍‌ଘାଟନ କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ମୁଖ୍ୟମନ୍ତ୍ରୀଙ୍କୁ ବିଧାୟିକା ପ୍ରମିଳା ମଲ୍ଲିକ ପତ୍ରଦ୍ୱାରା ଅବଗତ କରାଇଥିବା ସୂଚନା ମିଳିଛି। ବିଗତ କିଛି ବର୍ଷ ହେଲା ପ୍ରମିଳାଙ୍କ ନାମରେ ଅନେକ ଅଭିଯୋଗ ଆସିଛି। କ୍ଷମତାର ଅପବ୍ୟବହାର କରି ଗରିବଙ୍କ ନାମରେ ଆସିଥିବା ଶତାଧିକ ଆବାସ ଯୋଜନାକୁ ଥିଲାବାଲାଙ୍କ ହାତରେ ଟେକି ଦିଆଯାଇଛି। ଏନେଇ ଅଭିଯୋଗ ହୋଇଥିଲେ ସୁଦ୍ଧା ପ୍ରଶାସନ ଚାପରେ ଚାପି ହୋଇଯାଇଛି। ତେବେ ଏହିସବୁ ଆଲୋଚନାରୁ ଲୋକଙ୍କୁ ଦୂରେଇ ରଖିବାକୁ ପ୍ରମିଳା ବିଭିନ୍ନ ଭିତ୍ତିପ୍ରସ୍ତର, ଉଦ୍‌ଘାଟନ କାର୍ଯ୍ୟକ୍ରମ ମାଧ୍ୟମରେ ମୁଖ୍ୟମନ୍ତ୍ରୀଙ୍କ ନିକଟତର ହେବାକୁ ଚେଷ୍ଟା କରୁଛନ୍ତି ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି। ଏନେଇ ବିଧାୟିକା ମଲ୍ଲିକଙ୍କ ସହ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ହେଁ ତାଙ୍କର କୌଣସି ମତାମତ ମିଳିପାରି ନାହିଁ।

### ଖଜୁରିନାଲୁଆ-ପୂର୍ବକୋଟ ରାସ୍ତାର ଶିଳାନ୍ୟାସ

**କୋରେଇ,୧୨।୨(ସ୍ୱ.ପ୍ର.)**

କୋରେଇ ବ୍ଲକ ଅନ୍ତର୍ଗତ କନ୍ତୋର ପଞ୍ଚାୟତ ଗଜେନ୍ଦ୍ରପୁର ଛକ ନିକଟରେ ସୋମବାର କୋରେଇ ବିଧାୟକ ଆକାଶ ଦାସନାୟକ ଖଜୁରିନାଲୁଆ-ପୂର୍ବକୋଟ ରାସ୍ତାର ଶିଳାନ୍ୟାସ କରିଛନ୍ତି। ସାଢେ ୪ କି.ମି. ରାସ୍ତା ନିର୍ମାଣ ପାଇଁ ୪ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ବିଧାୟକ ଦାସନାୟକଙ୍କୁ ଗ୍ରାମପଞ୍ଚାୟତରୁ ଗଜେନ୍ଦ୍ରପୁର ଛକ ନିକଟକୁ ଶୋଭାଯାତ୍ରାରେ ନିଆଯାଇଥିଲା। ଶିଳାନ୍ୟାସ ଉତ୍ସବରେ ବିଧାୟକ ଦାସନାୟକ ମୁଖ୍ୟଅତିଥି, ସମ୍ମାନିତ ଅତିଥିଭାବେ ଜିଲାପରିଷଦ ଉପାଧକ୍ଷା ଅମୂଲ୍ୟବାଳା ପାତ୍ର, କନ୍ତୋର ସରପଞ୍ଚ ରୁନୁ ଭୂୟାଁ ଓ ସମିତି ସଭ୍ୟ ଅଶୋକ ବାରିକ ଯୋଗ ଦେଇଥିଲେ। କୋରେଇ ବ୍ଲକ ବିଜେଡି ସଭାପତି ଭକ୍ତ ବତ୍ସଳ ସ୍ୱାଇଁ, ମାତାଜୀ ଆଏଚ, ନିରଞ୍ଜନ ବାରିକ, କୁଳମଣୀ ଦାସ, ବଳରାମ ସେଠୀ, କାର୍ତ୍ତିକ ପଣ୍ଡା, କାଚରାସାହି ପଞ୍ଚାୟତ ବିଜେଡିସଭାପତି ଗୌରୀଶଙ୍କର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଦିଲୀପ କୁମାର ସାମଲ ରାସ୍ତା ନିର୍ମାଣ ସମ୍ପର୍କରେ ସୂଚନା ଦେଇଥିଲେ।

### ନୀଳାଚଳ କମ୍ପାନୀକୁ ସେଫଟି ଆୱାର୍ଡ




ଏନଆଇଏନଏଲ୍ ଅଧିକାରୀ ପୁରସ୍କାର ଗ୍ରହଣ କରୁଛନ୍ତି।

**ଯାଜପୁର ଅଫିସ,୧୨।୨**

ସୁରକ୍ଷା କ୍ଷେତ୍ରରେ ଉନ୍ନତ ପ୍ରଦର୍ଶନ ପାଇଁ କଳିଙ୍ଗନଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ଼ (ଏନଆଇଏନଏଲ)କୁ ରାଞ୍ଚିଠାରେ ସୋମବାର ପୁରସ୍କୃତ କରାଯାଇଛି। କୋଲ ଏବଂ କୋକ୍, ଷ୍ଟିଲ ମେଲଟିଂଶପ,ପ୍ରଡକ୍ସନମେଣ୍ଟେନାନ୍ସ,ଟ୍ରାଫିକ ଆଦି ଜୋନରେ କୌଣସି ଘାତକ ଦୁର୍ଘଟଣା ହୋଇ ନ ଥିବାରୁ ଏନ୍ଆଇଏନ୍ଏଲ୍‌କୁ ଏହି ପୁରସ୍କାର ମିଳିଛି। କମ୍ପାନୀ ତରଫରୁ ସୁରକ୍ଷା ବିଭାଗ ଏଜିଏମ ଏମ.ଏମ. ପଣ୍ଡା ଏବଂ ସହକାରୀ ପ୍ରବନ୍ଧକ କୁନ୍ଦନ କୁମାର ଏହି ପୁରସ୍କାର ଗ୍ରହଣ କରିଥିଲେ। ଏହାବାଦ କମ୍ପାନୀର ଲକ୍ଷ୍ମୀକାନ୍ତ ବେହେରା ସେଫ୍‌ଟି ପୋଷ୍ଟର ପ୍ରତିଯୋଗିତାରେ ପ୍ରଥମ ଏବଂ ଜୀବନ ମିଶ୍ର ସେଫଟି ପ୍ରବନ୍ଧ ପ୍ରତିଯୋଗିତାରେ ତୃତୀୟ ପୁରସ୍କାର ଜିତି କମ୍ପାନୀକୁ ଗୌରବ ଆଣି ଦେଇଥିଲେ।

### ୭୦ପରିବାରକୁ ପାଇଖାନା କାର୍ଯ୍ୟାଦେଶ ବଣ୍ଟନ

**ରସୁଲପୁର,୧୨।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଟିକରପଡ଼ା ପଞ୍ଚାୟତରେ ମଙ୍ଗଳବାର ୭୦ଟିପରିବାରକୁ ପାଇଖାନା ନିର୍ମାଣ ପାଇଁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ସ୍ଥାନୀୟ ସରପଞ୍ଚ ଅତୁଲ୍ୟ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ମେଳାରେ କୋରେଇ ବିଧାୟକଙ୍କ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା ମୁଖ୍ୟଅତିଥି, ଜିଲାପରିଷଦ ସଦସ୍ୟା ଝରଣା ରାଉତ, ଶିକ୍ଷାବିତ ବଟକୃଷ୍ଣ ପ୍ରଧାନ, ଗୋଷ୍ଠୀର ସଭାନେତ୍ରୀ ସୁକାନ୍ତି ରାଉତ, ସମ୍ପାଦିକା ମାତାଜୀ ଭୂୟାଁ, ମିନତି ମଲିକ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ହିତାଧିକାରୀଙ୍କୁ ସରକାରୀ ସହାୟତା ପ୍ରଦାନ କରିଥିଲେ। ଏଥିସହ ୨୫ଟି ଗୋଷ୍ଠୀକୁ ପ୍ରମାଣପତ୍ର ଓ ଆର୍ଥିକ ପ୍ରୋତ୍ସାହନ ରାଶି ଓ ୩ ଜଣଙ୍କୁ କଳାକାର ଭତ୍ତା ପାଇଁ ଚୟନ କରାଯାଇଥିଲା।

### ଆଞ୍ଚଳିକ କୃଷକ ସେବା ସମିତି ପକ୍ଷରୁ ଚାଷୀ ସମାବେଶ

**ରସୁଲପୁର,୧୨।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବାରବାଟୀ ପଞ୍ଚାୟତର ଓଡଙ୍ଗସ୍ଥିତ ବିଜୁ ପରିବା ପରିବହନ କେନ୍ଦ୍ରଠାରେ ମଙ୍ଗଳବାର ଆଞ୍ଚଳିକ କୃଷକ ସେବା ସମିତି ଆନୁକୂଲ୍ୟରେ ଏକ ଚାଷୀ ସମାବେଶ ଅନୁଷ୍ଠିତ ହୋଇଛି। ସମିତିର ସଭାପତି ଅନନ୍ତ ସ୍ୱାଇଁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବରେ ଜିଲା ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ଲୋକନାଥ ଜେନା, ରସୁଲପୁର ବିଡିଓ ଉମାକାନ୍ତ ପରିଡା, ବିଜେଡି ନେତା ମୋଇଉଦ୍ଦିନ ମହମ୍ମଦ, ବିନୋଦ ରାଉତ ପ୍ରମୁଖ ଯୋଗଦେଇ ସରକାରଙ୍କ କାଳିଆ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଚାଷୀ ବିଦ୍ୟାଧର ରାଉତ, ଗୋବିନ୍ଦ ମଲିକ, ଆକୁଳାନନ୍ଦ ଜେନାମଣି, ବାମନ ରାଉତ, ବ୍ରଜକିଶୋର ସ୍ୱାଇଁ ବଜାର ନିକଟରେ ଓଭର ବ୍ରିଜ୍ ନିର୍ମାଣ, ପରିବା ପରିବହନ କେନ୍ଦ୍ର ନିକଟରେ ଶୀତଳ ଭଣ୍ଡାର ସ୍ଥାପନ, ପନିପରିବା ପାଇଁ ସରକାରୀ ମଣ୍ଡି ଖୋଲିବା ଆଦି ବିଭିନ୍ନ ଦାବି ସମ୍ପର୍କରେ ବିଧାୟକ ଓ ସରକାରୀ ଅଧିକାରୀଙ୍କ ସମ୍ମୁଖରେ ଦାବି ଉପସ୍ଥାନ କରିଥିଲେ। ଉକ୍ତ ସମାବେଶରେ ଚାଷୀଙ୍କ ଉପସ୍ଥିତି ନୈରାଶ୍ୟ ଜନକ ଥିଲା। କମିଟିର କର୍ମକର୍ତ୍ତାଙ୍କୁ ଛାଡିଦେଲେ ହାତଗଣତି କେତେଜଣ ଚାଷୀ ଯୋଗ ଦେଇଥିଲେ।




ଚାଷୀ ସମାବେଶରେ ମଞ୍ଚାସୀନ ଅତିଥିବୃନ୍ଦ।

### ବିଦ୍ୟାର୍ଥୀଙ୍କୁ ଶନିବାର ମିଳୁନି ମଧ୍ୟାହ୍ନଭୋଜନ

**ରସୁଲପୁର,୧୨।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ସିଂହାପୁର ପଞ୍ଚାୟତର ବ୍ରାହ୍ମଣବାଡ଼ ଗ୍ରାମସ୍ଥିତ ଚର୍ଚ୍ଚିକା ଉ.ପ୍ରା. ବିଦ୍ୟାଳୟରେ ଶନିବାର ବିଦ୍ୟାର୍ଥୀଙ୍କୁ ମଧ୍ୟାହ୍ନ ଭୋଜନ ଓ ଅଣ୍ଡା ମିଳୁ ନାହିଁ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବୃନ୍ଦାବନ ଦାସଙ୍କୁ ମଧ୍ୟାହ୍ନ ଭୋଜନ ହୋଇ ନ ଥିବା ସମ୍ପର୍କରେ ପଚାରିବାରୁ ସେ କଥାକୁ ଏଡାଇ ଯିବାକୁ ଚେଷ୍ଟା କରିଛନ୍ତି। ଏପରି କି ନାନା ଆଳ ଦେଖାଇ ନିଜ ମୁଣ୍ଡରୁ ଦୋଷ ହଟାଇବାକୁ ଚେଷ୍ଟା କରିଛନ୍ତି। ଅପରପକ୍ଷରେ ଛାତ୍ରୀଛାତ୍ରମାନଙ୍କୁ ପଚାରିଲେ ଶନିବାର ସେମାନଙ୍କୁ ମଧ୍ୟାହ୍ନ ଭୋଜନ ମିଳୁ ନ ଥିବା ଖୋଲା ଖୋଲି ପ୍ରକାଶ କରିଛନ୍ତି। ପ୍ରକାଶ ଯେ, ଏହି ବିଦ୍ୟାଳୟରେ ୬ଷ୍ଠ ଓ ୭ମ ଶ୍ରେଣୀରେ ମୋଟ ୩୨ଜଣ ପିଲା ପାଠ ପଢୁଛନ୍ତି। ଶନିବାର ବିଦ୍ୟାଳୟ ନାମକୁ ମାତ୍ର ଖୋଲାଯାଉଛି। ସରକାରୀ ନିୟମ ମୁତାବକ ସକାଳ ସାଢେ ୬ଟାରେ ବିଦ୍ୟାଳୟ ଖୋଲି ସକାଳ ୧୧ଟାରେ ବନ୍ଦ ହେବାର ବିଧି ରହିଛି। ଏହି ନିୟମକୁ ଏଠାରେ ଖୋଲାଖୋଲି ଉଲ୍ଲଙ୍ଘନ କରାଯାଉଛି। ଏଠାରେ ୨ଜଣ ଶିକ୍ଷକ ନିଯୁକ୍ତି ହୋଇଛନ୍ତି। ସହାକରୀ ଶିକ୍ଷକ ୧ଘଣ୍ଟା ବିଳମ୍ବରେ ପହଞ୍ଚୁ ଥିବାବେଳେ ଖୋଦ୍ ପ୍ରଧାନ ଶିକ୍ଷକ ଆହୁରି ବିଳମ୍ବରେ ଆସି ପହଞ୍ଚୁଛନ୍ତି। ଏପରି କି ନିର୍ଦ୍ଧାରିତ ସମୟର ୧ଘଣ୍ଟା ପୂର୍ବରୁ ବିଦ୍ୟାଳୟକୁ ଛୁଟି କରି ଦିଆଯାଉଛି। ଏନେଇ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ଏସବୁ ଘଟଣା ପ୍ରତି ଆଞ୍ଚଳିକ ସାଧନ କେନ୍ଦ୍ର ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ଧ୍ୟାନ ଦେବା ସହ ବିଦ୍ୟାଳୟ ପରିଚାଳନାରେ ଘଟୁଥିବା ଅବହେଳାରେ ସମ୍ପୃକ୍ତ ଶିକ୍ଷକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି।



ଚର୍ଚ୍ଚିକା ଉ.ପ୍ରା. ବିଦ୍ୟାଳୟ।

### ପବ୍ଲିକ ସ୍କୁଲର ନୂତନ ଗୃହ ଉଦ୍‌ଘାଟିତ

**ଧର୍ମଶାଳା,୧୨।୨(ଡି.ଏନ୍.ଏ.)**

ଧର୍ମଶାଳା ବ୍ଲକ ଅନ୍ତର୍ଗତ ଶଙ୍ଖାରିଡିହସ୍ଥିତ ଧର୍ମଶାଳା ପବ୍ଲିକ ସ୍କୁଲର ନୂତନ ଅଫିସ ଗୃହ ଓ ପ୍ଲେ ସ୍କୁଲ ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଯାଜପୁର ଏମ୍‌ପି ରୀତା ତରାଇ ଉତ୍ସବରେ ମୁଖ୍ୟ ଅତିଥିଭାବେ ଯୋଗଦେଇ ନୂତନ ଗୃହ ଓ ପ୍ଲେ ସ୍କୁଲ ଉଦ୍‌ଘାଟନ କରିଥିଲେ। ଅଧକ୍ଷ ବୀରବର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସମ୍ମାନିତ ଅତିଥିଭାବେ କବି ସଂଗ୍ରାମ କେଶରୀ ଜେନା, ଶରତ ଚନ୍ଦ୍ର ଦାଶ ଯୋଗଦେଇ ଜାରକା ଅଞ୍ଚଳରେ ଏପରି ସ୍କୁଲର ଆବଶ୍ୟକତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ସୁମତି ରାଉତ ସ୍ୱାଗତ ଭାଷଣ ଓ ନିରୁପମା ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ମମତା ସାହୁ, ରଞ୍ଜିତା ପଣ୍ଡା, ସୁମିତ୍ରା ବାରିକ, ରଞ୍ଜନ ପଢ଼ିହାରି, ସରିତା ପାଣି, ସୋମନାଥ ମିଶ୍ର ଉତ୍ସବ ପରିଚାଳନା କରିଥିଲେ। ଶେଷରେ ଶିବ ପ୍ରସାଦ ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

### ବନ୍ଧଡିହ ପଞ୍ଚାୟତରେ ସରକାରୀ ସହାୟତା ମେଳା

# ୪୦ଜଣଙ୍କୁ ଭତ୍ତା, ୧୫ଗୋଷ୍ଠୀଙ୍କୁ ପ୍ରୋତ୍ସାହନ

**ରସୁଲପୁର,୧୨।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ବନ୍ଧଡିହ ପଞ୍ଚାୟତରେ ମଙ୍ଗଳବାର ସରପଞ୍ଚ ଅମଲତା ଜେନାଙ୍କ ଅଧକ୍ଷତାରେ ସରକାରୀ ସହାୟତା ପ୍ରଦାନ ମେଳା ଅନୁଷ୍ଠିତ ହୋଇଛି। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକ ଅତିରିକ୍ତ ଯୋଜନା ଅଧିକାରୀ ବିଷ୍ଣୁଦତ୍ତ ଧଳ, ପ୍ରାକ୍ତନ ସରପଞ୍ଚ ବିଜୟ ଜେନା, ନେସ୍କୋର କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରିଥିଲେ। ଏହି ଅବସରରେ ୨୭ଜଣ ବିଧବା, ୭ଜଣ ଦିବ୍ୟାଙ୍ଗ, ୬ଜଣ ବୃଦ୍ଧଙ୍କୁ ଭତ୍ତା ପ୍ରଦାନ କରାଯାଇଛି। ଏଥିସହ ପଞ୍ଚାୟତରେ ଭଲ କାମ କରିଥିବା ୧୫ଟି ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ପଞ୍ଚାୟତ ପକ୍ଷରୁ ଶତାଧିକ ପରିବାରକୁ ଏଲଇଡି ବଲ୍‌ବ ମଧ୍ୟ ପ୍ରଦାନ କରାଯାଇଛି। ସରକାରୀ ଆବାସ ଯୋଜନାରେ ୪ମାସ ମଧ୍ୟରେ ଘର ନିର୍ମାଣ କରିଥିବାରୁ ୬ଜଣଙ୍କୁ ୨୦ହଜାର ଟଙ୍କା ଲେଖାଏ ପ୍ରୋତ୍ସାହନ ରାଶି ଦିଆଯାଇଥିଲା। ଉକ୍ତ ଉତ୍ସବରେ ନିର୍ବାହୀ ଅଧିକାରୀ ଅକ୍ଷୟ ସାମଲ ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ସହ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ପଞ୍ଚାୟତର ୩୦ରୁ ଊର୍ଦ୍ଧ୍ୱ ସ୍ୱୟଂସହାୟିକା ଗୋଷ୍ଠୀର ମହିଳାଙ୍କ ସମେତ ୧୫ଶହରୁ ଊର୍ଦ୍ଧ୍ୱ ଲୋକ ଯୋଗଦେଇଥିଲେ।

## ■ ଆନ୍ଦୋଳନ ଯୋଗୁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ବନ୍ଦ

# ସ୍କୁଲ ପରିଚାଳନା କାର୍ଯ୍ୟ ବ୍ୟାହତ

**ବିରଜାକ୍ଷେତ୍ର,୧୨।୨(ଡି.ଏନ୍.ଏ)**

ରାଜ୍ୟରେ କାର୍ଯ୍ୟ କରୁଥିବା ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ମଚାରୀଙ୍କ ଦାବି ପ୍ରତି ସରକାର ଅବହେଳା ପ୍ରଦର୍ଶନ କରୁଛନ୍ତି। ତେଣୁ ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ମଚାରୀମାନେ ବିଭିନ୍ନ ଦାବିରେ ରାଜଧାନୀରେ ଆନ୍ଦୋଳନରେ ବସିଛନ୍ତି। ଆନ୍ଦୋଳନରେ ସାମିଲ ହୋଇଥିବାରୁ ଯାଜପୁର ଜିଲା ସର୍ବଶିକ୍ଷା ଅଭିଯାନର ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ୯ ଦିନ ହେଲା ବନ୍ଦ ରହିଛି। ଜିଲା ପ୍ରକଳ୍ପ କାର୍ଯ୍ୟାଳୟ ବନ୍ଦ ରହିଥିବାରୁ ଜିଲାର ସମସ୍ତ ବିଦ୍ୟାଳୟରେ ପରିଚାଳନାରେ ଅବ୍ୟବସ୍ଥା ଦେଖାଦେଇଛି। ବିଭିନ୍ନ ପ୍ରାନ୍ତରରୁ ଆସୁଥିବା ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଅଯଥା ଖର୍ଚ୍ଚାନ୍ତ ହେବାସହ ଅଫିସ କାର୍ଯ୍ୟ କରି ନ ପାରି ଫେରିଯାଉଛନ୍ତି।

ସୂଚନାଯୋଗ୍ୟ ଯେ, ଦୀର୍ଘଦିନ ହେବ ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟଗୁଡ଼ିକରେ କାର୍ଯ୍ୟରତ ଅସ୍ଥାୟୀ ଠିକା କର୍ମଚାରୀମାନେ ସପ୍ତମ ବେତନ କମିଶନ ଅନୁଯାୟୀ ଦରମା ସହ ସ୍ଥାୟୀ ନିଯୁକ୍ତି ତଥା ପଞ୍ଚାୟତିରାଜ ବିଭାଗରେ କାର୍ଯ୍ୟ କରିବାକୁ ହୋଇଥିବା ସରକାରୀ ନିଷ୍ପତ୍ତିର ପ୍ରତ୍ୟାହାର ଦାବୀ କରିଆସୁଥିଲେ। ଏହି ଦାବି ପୂରଣ ନ ହେବାରୁ ଓଡ଼ିଶାର ୩୦ଟି ଜିଲାର ପ୍ରାଥମିକ ଶିକ୍ଷା କାର୍ଯ୍ୟକ୍ରମ କର୍ମଚାରୀମାନେ ଗତ ୪ତାରିଖରୁ ଭୁବନେଶ୍ୱରରେ ଆନ୍ଦୋଳନ ଚାଲୁ ରଖିଛନ୍ତି। ଯାଜପୁର ସର୍ବଶିକ୍ଷା ଅଭିଯାନ ଜିଲା ପ୍ରକଳ୍ପ କାର୍ଯ୍ୟାଳୟର ୩୧ଜଣ କର୍ମଚାରୀ ଏହି ଆନ୍ଦୋଳନରେ ସାମିଲ ହୋଇଛନ୍ତି। ଏହି ୩୧ଜଣ କର୍ମଚାରୀ ଆନ୍ଦୋଳନରେ ସାମିଲ ହୋଇଥିବାରୁ ଜିଲା ପ୍ରକଳ୍ପ କାର୍ଯ୍ୟାଳୟରେ ସରକାରୀ କାର୍ଯ୍ୟ ସମ୍ପୂର୍ଣ୍ଣଭାବେ ଠପ୍ ହୋଇଯାଇଥିବା ଦେଖିବାକୁ ମିଳିଛି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ସରକାରୀ ବିଧି ବ୍ୟବସ୍ଥା ଅନୁଯାୟୀ କାର୍ଯ୍ୟାଳୟକୁ ଆସି କିଛି ସରକାରୀ କାର୍ଯ୍ୟ କରୁଥିବା ଜାଣିବାକୁ ମିଳିଛି ।

# ନଳକୂପ ଜଳ ହେଉଛି ବିଷାକ୍ତ

■ବିପଦରେ ଛାତ୍ରୀଛାତ୍ରଙ୍କ ଜୀବନ

■ବରୀ ଠେଙ୍ଗଡ ନଳକୂପ ବ୍ୟବହାର ଅନୁପଯୋଗୀ

■ଶିକ୍ଷା ବିଭାଗର ଅନୁରୋଧକୁ ଶୁଣୁନି ବ୍ଲକ ପ୍ରଶାସନ

**ଯାଜପୁର ଅଫିସ,୧୨।୨**

ଯାଜପୁର ଜିଲାର ଖଣି, ଲଘୁ ଖଣିଜ ପଦାର୍ଥ ଓ ଶିଳ୍ପାଞ୍ଚଳ ନିକଟବର୍ତ୍ତୀ ଅଞ୍ଚଳର ନଳକୂପ ପାଣି କ୍ରମଶଃ ବିଷାକ୍ତ ହେଉଛି। ଏପରି କି ଏହି ଅଞ୍ଚଳର ଭୂତଳ ଜଳରେ ଅଧିକମାତ୍ରାରେ ମେଟାଲିକ ପଦାର୍ଥ ରହୁଥିବାରୁ କିଡ୍‌ନୀ ରୋଗ ଅଣାୟତ୍ତ ହେବାରେ ଲାଗିଛି। ଏହିକ୍ରମରେ ବଡ଼ଚଣା ବ୍ଲକ ବରୀ ଠେଙ୍ଗଡ ଭାରତୀ ନୋଡାଲ ୟୁପି ସ୍କୁଲ ନଳକୂପରେ ଅଶୁଦ୍ଧ ଓ ବ୍ୟବହାର ଅନୁପଯୋଗୀ ପାଣି ବାହାରୁଥିବା ଅଭିଯୋଗ ହୋଇଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ବାରମ୍ବାର ବିଡିଓ ଓ ସରପଞ୍ଚଙ୍କ ଦୃଷ୍ଟି ଆକର୍ଷଣ କରୁଥିଲେ ହେଁ କେହି କର୍ଣ୍ଣପାତ କରୁନାହାନ୍ତି। ଫଳରେ ବ୍ଲକ ଶିକ୍ଷାଧିକାରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ସ୍କୁଲ ଓ ଗଣଶିକ୍ଷା ବିଭାଗର ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ଠେଙ୍ଗଡ ନୋଡାଲ ୟୁପି ସ୍କୁଲ ପାଣି ଅସ୍ୱଚ୍ଛ ହେବା ଯୋଗୁ ସ୍କୁଲର ୧୫୦ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନ ପ୍ରସ୍ତୁତ କରିବା ସମ୍ଭବ ହେଉନାହିଁ। ଏହାର ପ୍ରତିକାର ପାଇଁ ଶିକ୍ଷା ବିଭାଗ ପକ୍ଷରୁ ସ୍ଥାନୀୟ ସରପଞ୍ଚ ଓ ବିଡିଓଙ୍କୁ ପତ୍ର ସହ ଫୋନ ମାଧ୍ୟମରେ ବାରମ୍ବାର ନିବେଦନ କରାଯାଇଛି। ଏହି ସ୍କୁଲରେ ୨ଟି ନଳକୂପ ମଧ୍ୟରେ ଅନ୍ୟଟି ସମ୍ପୂର୍ଣ୍ଣ ଭାବେ ଅଚଳ ହୋଇ ପଡିଛି। ତେଣୁ ଅଚଳ ଓ ଅସ୍ୱଚ୍ଛ ପାଣି ବାହାରୁଥିବା ନଳକୂପ ଦ୍ୱୟର ମରାମତି କିମ୍ବା ଏକ ନୂତନ ନଳକୂପ ଖନନ କରିବାକୁ ଶିକ୍ଷା ବିଭାଗ ପକ୍ଷରୁ ପତ୍ର ଦିଆଯାଇଛି। କିନ୍ତୁ ଛାତ୍ରୀଛାତ୍ରଙ୍କ ପାଇଁ ଏହି ସମ୍ବେଦନଶୀଳ ସମସ୍ୟାର ସମାଧାନ କରିବାରେ ବ୍ଲକ ପ୍ରଶାସନ ଆଦୌ ଆଗ୍ରହ ପ୍ରକାଶ କରୁଥିବା ମନେହେଉ ନାହିଁ। କେବଳ ସେତିକି ନୁହେଁ ଜିଲାର ଶତାଧିକ ସ୍କୁଲର ନଳକୂପରୁ ହଳଦିଆ ରଙ୍ଗର ପାଣି ବାହାରୁଥିବା ନଜିର ରହିଛି। ବିଶେଷକରି ଭୂତଳଜଳସ୍ତର ନିମ୍ନଗାମୀ ହେବାସହ ପଥର ଉତ୍ତୋଳନ ପାଇଁ ହେଉଥିବା ୱାଗନ ବ୍ଲାଷ୍ଟିଂରେ ରାସାୟନିକ ପଦାର୍ଥ ବ୍ୟବହାର ଏବଂ ପ୍ରଦୂଷଣ ଆଇନର ଉଲ୍ଲଂଘନ ଏଭଳି ସ୍ଥିତି ସୃଷ୍ଟି କରିଛି। ଯଦ୍ୱାରା ନଳକୂପ ପାଣି ପିଇ କିଡ୍‌ନୀ ରୋଗରେ ଲୋକେ ମୃତ୍ୟୁବରଣ କରୁଥିବା ନଜିର ରହିଛି । ଗତ ବର୍ଷ ବଡ଼ଚଣା ବ୍ଲକର ଅଚ୍ୟୁତପୁର ଉଚ୍ଚ ପ୍ରାଥମିକ ସ୍କୁଲର ନଳକୂପ ପାଣି ପରୀକ୍ଷାରୁ ଏହା ସ୍ପଷ୍ଟ ହୋଇଥିଲା। ଜଳରେ ଲୌହ ଅଂଶ ମିଶିଥିବାରୁ ଅଚ୍ୟୁତପୁର ସ୍କୁଲର ଛାତ୍ରୀଛାତ୍ର ସେହି ନଳକୂପ ପାଣି ପିଇ ଅସୁସ୍ଥ ହୋଇଥିଲେ। ଏନେଇ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ନଳକୂପର ଜଳକୁ ସଂଗ୍ରହ କରାଯାଇ ଜନସ୍ୱାସ୍ଥ୍ୟ ବିଭାଗର ଇଞ୍ଜିନିୟରିଂ ପରୀକ୍ଷାଗାର ଏବଂ ଭୁବନେଶ୍ୱର ପଳାଶୁଣୀ ଇନ୍‌ସର୍ଭିସ ଟ୍ରେନିଂ ଇନଷ୍ଟିଚ୍ୟୁଟକୁ ପରୀକ୍ଷା ପାଇଁ ପଠାଯାଇଥିଲା। ପାଣିର ନମୁନା ପରୀକ୍ଷା ପରେ ନଳକୂପ ଜଳରେ ଲୌହ ଅଂଶ ଗ୍ରହଣୀୟ ସୀମାଠାରୁ ଅଧିକ ରହିଥିବା ଜଣାପଡ଼ିଥିଲା। କେବଳ ଅଚ୍ୟୁତପୁର ନଳକୂପରେ ନୁହେଁ ବଡ଼ଚଣା ବ୍ଲକ ସମେତ ଧର୍ମଶାଳା, ସୁକିନ୍ଦା, ରସୁଲପୁର, କୋରେଇ ଓ ଦାନଗଦୀ ବ୍ଲକର ପ୍ରାୟ ଅଧିକାଂଶ ନଳକୂପଗୁଡ଼ିକର ଜଳ ପାନୀୟ ଉପଯୋଗୀ ହୋଇପାରୁ ନାହିଁ। ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ଭାବାବେଗକୁ ଗ୍ରହଣ କରି ନଳକୂପରେ ବ୍ଲିଚିଂ ପାଉଡର ପ୍ରୟୋଗ କରାଯାଇ ବିଶୋଧନ କରାଯାଉ ନାହିଁ। ବିଶେଷକରି ଭୂତଳ ଜଳର ବ୍ୟବହାରକୁ ନିଶେଧ କରି ନଦୀଜଳ ବ୍ୟବହାରକୁ ଅଧିକ ଗୁରୁତ୍ୱ ଦେଲେ ଜିଲାରେ କିଡନୀ ରୋଗ ଆକ୍ରାନ୍ତ ହ୍ରାସ ପାଇବ ବୋଲି ମତପ୍ରକାଶ ପାଇଛି।

## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୮ ବଖରା ଭସ୍ମୀଭୂତ

ଡେରାବିଶ, ୧୨।୨ (ସ୍ୱ.ପ୍ର.): ଡେରାବିଶ ବ୍ଲକର ଦୁଇଟି ପଞ୍ଚାୟତରେ ଅଗ୍ନିକାଣ୍ଡ ଘଟି ୪ଟି ପରିବାରର ୮ବଖରା ଜଳିଯାଇଛି। ଅଗ୍ନିକାଣ୍ଡରେ ସମସ୍ତ ଆସବାବ ପତ୍ର ଜଳିଯାଇଥିବା ବେଳେ ଖାଦ୍ୟ ସାମଗ୍ରୀ ସବୁ ପୋଡି ନଷ୍ଟ ହୋଇଯାଇଛି। ପ୍ରକାଶ ଯେ, ପୂର୍ବାହ୍ନରେ ଦାନପୁର ପଞ୍ଚାୟତ କେଶରପୁର ଗ୍ରାମରେ ଅଗ୍ନିକାଣ୍ଡ ଘଟି ଗୋପାଳ ଚନ୍ଦ୍ର ଦାସଙ୍କ ୪ବଖରା ଜଳିଯାଇଛି। ଅଗ୍ନିକାଣ୍ଡର କାରଣ ଜଣାପଡ଼ି ନଥିବା ବେଳେ ସର୍ଟ ସର୍କିଟ ଯୋଗୁ ନିଆଁ ଲାଗି ଯାଇଥିବା କୁହାଯାଉଛି। ଖବରପାଇ ଡେରାବିଶ ଓ ନିଶ୍ଚିନ୍ତକୋଇଲିର ଦୁଇଟି ଅଗ୍ନିଶମ ସେବା ସଂସ୍ଥା ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ସେହିଭଳି ପଲେଇ ପଞ୍ଚାୟତ ପୁରାପଡ଼ା ଗ୍ରାମରେ ସନ୍ଧ୍ୟାରେ ଅଗ୍ନିକାଣ୍ଡ ଘଟି ବୈଷ୍ଣବ ସାହୁ, କାର୍ତ୍ତିକ ସାହୁ ଓ ଉଦ୍ଧବ ସାହୁଙ୍କ ୪ ବଖରା ଘର ଭସ୍ମୀଭୂତ ହୋଇଛି। ଖବରପାଇ ଡେରାବିଶରୁ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ରାଜସ୍ୱ ନିରୀକ୍ଷକ ପଲ୍ଲବ ପ୍ରତିମ ପ୍ରଧାନ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### କୃଷି ଅଧିକାରୀଙ୍କ ସୂର୍ଯ୍ୟମୁଖୀ କ୍ଷେତ୍ର ପରିଦର୍ଶନ

ପାଟକୁରା, ୧୨।୨ (ଡି.ଏନ୍.ଏ.): କେନ୍ଦ୍ରାପଡ଼ା ଜିଲାର ବରିଷ୍ଠ କୃଷି ଅଧିକାରୀମାନେ ମଙ୍ଗଳବାର ଗରଦପୁର ବ୍ଲକ ଅଧୀନ ପାଟକୁରା ପଞ୍ଚାୟତ ଚକବାହାକୁଦ ଗ୍ରାମରେ ଚାଷ କରାଯାଇଥିବା ସୂର୍ଯ୍ୟମୁଖୀ କ୍ଷେତ୍ର ପରିଦର୍ଶନ କରିଛନ୍ତି। ଜାତୀୟ ଖାଦ୍ୟ ନିରାପତ୍ତା ମିଶନରେ ଚକବାହାକୁଦ ଗ୍ରାମରେ ୪୦ ହେକ୍ଟର ଜମିରେ ସୂର୍ଯ୍ୟମୁଖୀ ଚାଷ କରାଯାଇଛି। ଏହି ମିଶନରେ ଚାଷୀମାନଙ୍କୁ ମାଗଣାରେ ବିହନ, ରାସାୟନିକ ସାର ଇତ୍ୟାଦି ଯୋଗାଇ ଦିଆଯାଉଛି। ଜିଲା କୃଷି ଉପ ନିର୍ଦ୍ଦେଶକ ମିତ୍ରଦ୍ୱୟ ଦାସ, ଜିଲା କୃଷି ଅଧିକାରୀ ଶରତ ଚନ୍ଦ୍ର ଦାସ, ସହକାରୀ କୃଷି ଅଧିକାରୀ ପ୍ରିୟବ୍ରତ ଜେନା, ବରିଷ୍ଠ କୃଷି ଅଧିକାରୀ ସୌମେନ୍ଦ୍ର ମହାନ୍ତି, ତୈଳ ନିଗମନ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା ପ୍ରମୁଖ କ୍ଷେତ୍ର ପରିଦର୍ଶନ କରି ଚାଷୀମାନଙ୍କୁ ଉପାଦେୟ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରିୟଦର୍ଶୀ ମହାନ୍ତି, ହିମାଂଶୁ ସେନାପତି, ନିଶାମଣି ରାଉତ, ନରୋତ୍ତମ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

### ଭାଗବତ ପାଠ ସପ୍ତାହ ଆରମ୍ଭ

ମାର୍ଶାଘାଇ,୧୨।୨(ଡିଏନଏ) ମାଘ ସପ୍ତମୀ ଅବସରରେ ମାର୍ଶାଘାଇ ଅଞ୍ଚଳର ବିଭିନ୍ନ ଧାର୍ମିକ ପୀଠରେ ଭାଗବତ ପାଠ ସପ୍ତାହ କାର୍ଯ୍ୟକ୍ରମ ମଙ୍ଗଳବାର ଆରମ୍ଭ ହୋଇଛି। ଏହି ଅବସରରେ ଗାଁ ମାର୍ଶାଘାଇସ୍ଥିତ ତଳମଠରେ ଭୋରରୁ କଳସ ଶୋଭାଯାତ୍ରା କରାଯାଇ ବାସୁଦେବଙ୍କ ମୂର୍ତ୍ତି ସ୍ଥାପନ କରାଯାଇ ପୂଜାର୍ଚ୍ଚନା କରାଯାଇଥିଲା। ଏଥିସହିତ ଭାଗବତ ବହି ପୂଜା କରାଯାଇଥିଲା। ଏକ ସପ୍ତାହ ବ୍ୟାପି ଭାଗବତ ପାଠ କରାଯିବା ସହିତ ସନ୍ଧ୍ୟାରେ ନାମ ସଂକୀର୍ତ୍ତନ କରାଯିବ ବୋଲି କମିଟି ସଦସ୍ୟ ଅରୁଣ କୁମାର ବେଉରା,ନଗେନ୍ଦ୍ର କୁମାର ବେଉରା, ବିଭୁତି କୁମାର ପ୍ରଧାନ,ପ୍ରେମାନନ୍ଦ ସ୍ୱାଇଁ, ଭୀମ ବେଉରା,ସୁଜିତ କୁମାର ପ୍ରଧାନ ବଳଭଦ୍ର ଦାସ ପ୍ରମୁଖ ସୂଚନା ପ୍ରଦାନ କରିଛନ୍ତି।

# ପଟ୍ଟାମୁଣ୍ଡାଇରେ ୧୦୦ ଶଯ୍ୟା ବିଶିଷ୍ଟ ମା' ଶିଶୁ ଚିକିତ୍ସା ସୌଧ ଉଦ୍‌ଘାଟିତ

■ ବିଜେଡି ଓ କଂଗ୍ରେସ କର୍ମୀଙ୍କ ମଧ୍ୟରେ ଠେଲାପେଲା ଯୋଗୁ ଉତ୍ତେଜନା

ପଟ୍ଟାମୁଣ୍ଡାଇ, ୧୨।୨ (ସ୍ୱ.ପ୍ର)





ଉଦ୍‌ଘାଟିତ ମା' ଓ ଶିଶୁ ଚିକିତ୍ସା ସୌଧ। ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଉପସ୍ଥିତିରେ ବିଜେଡି କଂଗ୍ରେସ କର୍ମୀଙ୍କ ମଧ୍ୟରେ ଠେଲାପେଲା।

ଉନ୍ନତମାନର ସ୍ୱାସ୍ଥ୍ୟ ସେବା ଯୋଗାଇ ଦେବା ଲକ୍ଷ୍ୟରେ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ନିକଟରେ ୫ କୋଟି ୬୫ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଶହେ ଶଯ୍ୟା ବିଶିଷ୍ଟ ମା' ଓ ଶିଶୁ ଚିକିତ୍ସା ସୌଧ ମଙ୍ଗଳବାର ସ୍ୱାସ୍ଥ୍ୟ ପରିବାର କଲ୍ୟାଣ ଓ ଆଇନ ମନ୍ତ୍ରୀ ପ୍ରତାପ ଜେନାଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ତେବେ ଏହି ସମୟରେ ଶାସକ ଓ ବିରୋଧ ଦଳ କର୍ମୀ ମୁହାଁମୁହିଁ ହୋଇ ଠେଲାପେଲା ହେବା ଯୋଗୁ ଏହାକୁ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଫଳରେ ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ପାଇଁ ପୋଲିସ ଓ ପ୍ରଶାସନକୁ ନାକେଦମ୍ ହେବାକୁ ପଡିଥିଲା।

ପ୍ରକାଶ ଯେ, ମନ୍ତ୍ରୀ ଜେନା ଉଦ୍‌ଘାଟନ ସ୍ଥଳରେ ପୂର୍ବାହ୍ନ ସାଢେ ୧୧ଟାରେ ପହଞ୍ଚିବାର କାର୍ଯ୍ୟକ୍ରମ ଥିବା ବେଳେ ଦିନ ୧ଟା ୨୦ ମିନିଟରେ ପହଞ୍ଚିଥିଲେ। ଏହାପରେ ତାଙ୍କୁ ବିଜେଡି ନେତା ଓ କର୍ମୀମାନେ ଏକ ଶୋଭାଯାତ୍ରାରେ ଉଦ୍‌ଘାଟନ ସ୍ଥଳକୁ ପାଛୋଟି ଆଣିଥିଲେ। ତେବେ ସୌଧ ଉଦ୍‌ଘାଟନ ସମୟରେ ସେଠାରେ ଉପସ୍ଥିତ ଥିବା କଂଗ୍ରେସ ଓ ବିଜେଡି କର୍ମୀମାନଙ୍କ ମଧ୍ୟରେ ପ୍ରବଳ ହୋ ହଲ୍ଲା ସାଙ୍ଗକୁ ଠେଲାପେଲା ହୋଇଥିଲା। ଫଳରେ ମନ୍ତ୍ରୀ ଜେନା ଯଥାଶୀଘ୍ର ଉଦ୍‌ଘାଟନ କାର୍ଯ୍ୟ ସାରି ନବନିର୍ମିତ ସୌଧ ଭିତରକୁ ଚାଲି ଯାଇଥିଲେ। ଏହି ଅବସରରେ ସେ କହିଥିଲେ ଯେ, ଏହି ଚିକିତ୍ସାଳୟରେ ୧୪ ଜଣ ବିଶେଷଜ୍ଞଙ୍କୁ ନିଯୁକ୍ତି ଦିଆଯିବ। ଶିଶୁ ବିଶେଷଜ୍ଞଙ୍କ ସହ ସ୍ତ୍ରୀ ଓ ପ୍ରସୂତି ବିଭାଗ ବିଶେଷଜ୍ଞ ରହିବା ଫଳରେ ମହିଳା ଓ ଶିଶୁମାନେ ଉପକୃତ ହୋଇପାରିବେ। ମା' ଓ ଶିଶୁ ଚିକିତ୍ସା ସୌଧରେ ଆଧୁନିକ ପ୍ରଣାଳୀର ଚିକିତ୍ସା ସୁବିଧା ଯୋଗାଇ ଦିଆଯିବ। ସ୍ୱାସ୍ଥ୍ୟମନ୍ତ୍ରୀ ଜେନା ଏହି ସୌଧ ଉଦ୍‌ଘାଟନ କରିବାକୁ ଆସିଥିଲେ ହେଁ ଏଥିପାଇଁ କୌଣସି ସଭା କିମ୍ବା ଡାକବାଜିଯନ୍ତ୍ରର ବ୍ୟବସ୍ଥା ହୋଇ ନଥିଲା। ଫଳରେ ସେ ଉଦ୍‌ଘାଟନ ସାରି ସୌଧ ଭିତରକୁ ଯାଇ ସେଠାରେ ଏକ ଘଣ୍ଟା ରହିଥିଲେ। କିନ୍ତୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇ ନ ଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଏହି ଉତ୍ସବରେ ରାଜନଗର ବିଧାୟକ ଅଂଶୁମାନ ମହାନ୍ତି ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ନିର୍ବାଚନକୁ ଆଖି ଆଗରେ ରଖି ଏହା କରାଯାଇଛି। ଯଦି ଆବଶ୍ୟକ ଡାକ୍ତର ନିଯୁକ୍ତି ସହ ଚିକିତ୍ସା ସୁବିଧା ନ ମିଳେ ତେବେ କଂଗ୍ରେସ ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ ଚେତାଇ ଦେଇଥିଲେ। କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ, ଉପଜିଲାପାଳ ସଞ୍ଜୟ ମିଶ୍ର, ବିଜେଡି ଜିଲାସଭାପତି ଧ୍ରୁବ ସାହୁ, ଜିଲା ପରିଷଦ ଅଧ୍ୟକ୍ଷ ମାନସ ରଞ୍ଜନ ପରିଡାଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଓ ବିଭିନ୍ନ ସରକାରୀ ଅଧିକାରୀମାନେ ଉପସ୍ଥିତ ଥିଲେ। ଅପରପକ୍ଷେ ୨୦୧୭ ସେପ୍ଟେମ୍ବର ୧୩ ତାରିଖରେ ରାଜ୍ୟ ସରକାର ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସବ୍‌ଡିଭିଜନାଲ ହସ୍ପିଟାଲ ଭାବେ ଘୋଷଣା କରିଥିଲେ ମଧ୍ୟ ଆବଶ୍ୟକ ଡାକ୍ତର ପଦବୀ ପୂରଣ ହୋଇ ନ ଥିବା ବେଳେ ଚିକିତ୍ସା ସାମଗ୍ରୀ ଯୋଗାଇ ଦିଆଯାଇନାହିଁ। ଏଥିନେଇ ନବନିର୍ମିତ ସୌଧର ଉଦଘାଟନ ସ୍ଥଳରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ତେବେ ଖୁବ୍‌ଶୀଘ୍ର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲିପଡିଥିବା ଡାକ୍ତର ଓ ସ୍ୱାସ୍ଥ୍ୟ କର୍ମଚାରୀ ପଦବୀ ପୂରଣ କରାଯିବା ସହିତ ଚିକିତ୍ସା ଯନ୍ତ୍ରପାତି ଯୋଗାଇ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଜେନା ପ୍ରତିଶ୍ରୁତି ଦେଇଥିଲେ। ସୂଚନାଯୋଗ୍ୟ ଯେ, ମା ଓ ଶିଶୁ ଚିକିତ୍ସା ସୌଧର ଉଦ୍‌ଘାଟନୀ ଫଳକରେ ଜିଲାପାଳ ଦାଶରଥୀ ଶତପଥୀଙ୍କ ନାମ ଉଲ୍ଲେଖ ଥିଲେ ମଧ୍ୟ ସେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ନ ଥିବା ଦେଖିବାକୁ ମିଳିଥିଲା। ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଅର୍ଥରେ ଏହି ନୂତନ ଚିକିତ୍ସା ସୌଧ ନିର୍ମାଣ କରାଯାଇଛି।

### ଡେରାବିଶ କପ କ୍ରିକେଟ ଟୁର୍ନାମେଣ୍ଟ, ସେମିରେ ଯାଜପୁର

ଡେରାବିଶ, ୧୨।୨ (ସ୍ୱ.ପ୍ର.)

ଡେରାବିଶ ମିନିଷ୍ଟାଡିୟମଠାରେ ଚାଲିଥିବା ରାଜ୍ୟସ୍ତରୀୟ ଡେରାବିଶ କପ୍ କ୍ରିକେଟ ଟୁର୍ନାମେଣ୍ଟର ମଙ୍ଗଳବାର ଥିଲା ତୃତୀୟ କ୍ୱାଟରଫାଇନାଲ ମ୍ୟାଚ୍। ଡେରାବିଶ ଯୁବକ ସଂଘ ଆନୁକୁଲ୍ୟରେ ଅନୁଷ୍ଠିତ ଏହି ମ୍ୟାଚ୍ କଟକର ନିମପୁର ସ୍ପୋର୍ଟ୍ସ କ୍ଲବ ଓ ଯାଜପୁରର ସାର୍ଥକ କ୍ରିକେଟ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ନିମପୁର ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ନିର୍ଦ୍ଧାରିତ ୨୫ ଓଭରରେ ୭ ଉଇକେଟ ହରାଇ ନିମପୁର ୧୬୧ରନ ସଂଗ୍ରହ କରିଥିଲା। ଜବାବରେ ଯାଜପୁର ଟିମ୍ ୧୬୧ ରନ୍ କରିଦେବାରୁ ମ୍ୟାଚ୍ ଟାଇ ହୋଇଯାଇଥିଲା। ଏହାପରେ ସୁପରଓଭରରେ ଯାଜପୁର ଟିମ୍ ୧ଓଭରରେ ୧୩ ରନ କରିଥିବା ବେଳେ ନିମପୁର ଦଳ ମାତ୍ର ୬ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଜିତେନ୍ଦ୍ର ରାଉତ ଓ ରାଜେଶ ପାତ୍ର ଅମ୍ପେୟାର ଭାବେ ଖେଳ ପରିଚାଳନା କରିଥିଲେ। କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ପ୍ରାଧ୍ୟାପକ ଚିତ୍ତରଞ୍ଜନ ସାମଲ ମୁଖ୍ୟଅତିଥି ଏବଂ ଡେରାବିଶ ଡିଗ୍ରୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଅଧ୍ୟାପକ ପ୍ରଭାକର ସାମଲ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସୁନାକର ମହାରଣା, ଅବିନାଶ କାଣ୍ଡି, ପୂର୍ଣ୍ଣାନନ୍ଦ ମହାନ୍ତି, ବିରେନ୍ଦ୍ର କୁମାର ବାରିକ, ସେକ୍ ଜିଆଉଦ୍ଦିନ ଖାନ୍ ଓ ଚିତ୍ତରଞ୍ଜନ ଦାଶ ପ୍ରମୁଖ ଖେଳ ପରିଚାଳନାରେ ସହଯୋଗ କରିଥିଲେ।

# ତହସିଲଦାରଙ୍କୁ ଓକିଲ ସଂଘର ଦାବିପତ୍ର



ବାର୍ ଆସୋସିଏଶନ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ଆଳି, ୧୨।୨ (ଡି.ଏନ୍.ଏ.) ଆଳି ବାର ଆସୋସିଏଶନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୫ ଦଫା ଦାବି ସମ୍ବଳିତ ଏକ ପତ୍ର ମଙ୍ଗଳବାର ଆଳି ତହସିଲଦାରଙ୍କୁ ପ୍ରଦାନ କରାଯାଇଛି। ଭାରତବର୍ଷର ପ୍ରତ୍ୟେକ ବାର ଆସୋସିଏଶନ ପାଇଁ ଓକିଲମାନଙ୍କ ପାଇଁ ବୀମା ବ୍ୟବସ୍ଥା, ନୂତନ ଓକିଲଙ୍କୁ ଷ୍ଟାଇପେଣ୍ଡ, ଅବସରପ୍ରାପ୍ତ ବିଚାରପତିଙ୍କୁ ଭିନ୍ନଭିନ୍ନ ଟ୍ରିବ୍ୟୁନାଲ କମିଶନ ଫୋରମରେ ନିଯୁକ୍ତି ଦିଆ ନ ଯାଇ ଯୋଗ୍ୟତା ସମ୍ପନ୍ନ ଓକିଲମାନଙ୍କୁ ନିଯୁକ୍ତି ଦେବା ଆଦି ଦାବିଗୁଡିକ ପୂରଣ କରିବା ସମ୍ପର୍କରେ ଉକ୍ତ ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। ଏହି ଦାବିପତ୍ରକୁ ଆଳି ବାର୍ ଆସୋସିଏଶନ ପକ୍ଷରୁ ତହସିଲଦାର ଶୁକଦେବ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ର ପ୍ରଦାନ ସମୟରେ ଆସୋସିଏଶନ ସଭାପତି ପ୍ରମୋଦ ରାୟ, ସମ୍ପାଦକ ନୃସିଂହ ଦୀକ୍ଷିତ, ନଳିନୀ ରାୟ, ସୂର୍ଯ୍ୟମଣି ସାମଲ, ବରିଷ୍ଠ ଆଇନଜୀବୀ ଶରତ ମହାନ୍ତି, ମୃତ୍ୟୁଞ୍ଜୟ ସାମଲ, ରାଧାକାନ୍ତ ବିଶ୍ୱାଳ, ଅଣାକାର ବାରିକ, କ୍ଷୀରୋଦ ପରିଡ଼ା, ଗୋଲେଖ ଦୀକ୍ଷିତ, ପ୍ରଫୁଲ୍ଲ ରାୟ ପ୍ରମୁଖ କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

■ ନାବାଳିକା ମା'ହେବା ଘଟଣା

# ମା'ଠାରୁ ଶିଶୁକୁ ଅଲଗା କଲା ସିଡବ୍ଲ୍ୟୁସି

କେନ୍ଦ୍ରାପଡା ଅଫିସ, ୧୨।୨

କେନ୍ଦ୍ରାପଡା ଜିଲାରେ ନାବାଳିକା ମା' ହେବା ଘଟଣାରେ ଏବେବି ପୀଡିତାଙ୍କୁ ନ୍ୟାୟ ମିଳିନାହିଁ। ମଙ୍ଗଳବାର ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି)ର ନିର୍ଦ୍ଦେଶକ୍ରମେ ମା' ଓ ୮ ମାସର ଶିଶୁ କନ୍ୟାକୁ ଅଲଗା କରିଦିଆଯାଇଛି। ଏନେଇ ମାନବାଧିକାର କର୍ମୀ ଓ ବୁଦ୍ଧିଜୀବୀମାନେ କ୍ଷୋଭ ପ୍ରକାଶ କରିବା ସହ ପୀଡିତା ଓ ନବଜାତ କନ୍ୟାଙ୍କ ଭବିଷ୍ୟତ ନେଇ ପ୍ରଶ୍ନ ଉଠାଇଛନ୍ତି।

ସୂଚନାଯୋଗ୍ୟ, ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳର ପୀଡିତା ନାବାଳିକା ଗତ ୨୦୧୮ ଜୁନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଏକ ଶିଶୁ କନ୍ୟା ଜନ୍ମ ଦେଇଥିଲେ। ଏହି ଘଟଣାରେ ତାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୀଡିତାଙ୍କ ସହ ଦାଦା ଓ ପୁତୁରା ଭାଇ ଅନୈତିକ ସମ୍ପର୍କ ରଖିଥିଲେ ବୋଲି ସେ ଅଭିଯୋଗପତ୍ରରେ ଉଲ୍ଲେଖ କରିଥିଲେ।

ଘଟଣାଟି ସ୍ପର୍ଶକାତର ହୋଇଥିବାରୁ ପୋଲିସ ପୀଡିତା ଓ ଶିଶୁ କନ୍ୟାକୁ ସହରର ମନକରପୁରସ୍ଥିତ ସ୍ୱଳ୍ପ ରହଣି କେନ୍ଦ୍ର ରେସୱାରେ ନେଇ ରଖିଥିଲେ। ଏହି କେନ୍ଦ୍ରରେ ସେମାନଙ୍କୁ ୮ ମାସ ରଖାଯିବାପରେ ପରିଚାଳନା କର୍ତ୍ତୃପକ୍ଷ ଶିଶୁଙ୍କ ପାଇଁ ଏଠାରେ ସମସ୍ତ ସୁବିଧା ଉପଲବ୍ଧ ନ ଥିବା ଦର୍ଶାଇ ସିଡବ୍ଲୁସିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ସମ୍ପର୍କରେ ଆଲୋଚନା ପାଇଁ ସିଡବ୍ଲ୍ୟୁସି କାର୍ଯ୍ୟାଳୟକୁ ପୀଡିତାଙ୍କ ବାପା ଆସିଥିଲେ। ଆଲୋଚନା ବେଳେ ପୀଡିତା ଓ ଶିଶୁ କନ୍ୟାର ସାମାଜିକ ସୁରକ୍ଷା ବିପନ୍ନ ହେବା ଆଶଙ୍କା କରି ବାପାଙ୍କ ସହ ସେମାନଙ୍କୁ ଛଡା ଯାଇ ନ ଥିଲା। ମାତ୍ର ଜିଲାରେ ନାବାଳିକା ମା' ଓ ଶିଶୁ କନ୍ୟାକୁ ଏକାଠି ରଖିବା ପାଇଁ ବ୍ୟବସ୍ଥା ନ ଥିବାରୁ ସିଡବ୍ଲୁସି କର୍ତ୍ତୃପକ୍ଷଙ୍କ ନିର୍ଦ୍ଦେଶକ୍ରମେ ସେମାନଙ୍କୁ ଅଲଗା କରିଦିଆଯାଇଛି। ଅପରପକ୍ଷରେ ଅଭିଯୁକ୍ତ ପୁତୁରା ଭାଇଙ୍କ ଡିଏନ୍‌ଏ ଟେଷ୍ଟ ସରିଥିବା ବେଳେ ତାଙ୍କ ରକ୍ତ ସହ ପୀଡିତା ଓ ଶିଶୁକନ୍ୟାଙ୍କ ରକ୍ତ ଅବା ଡିଏନ୍‌ଏ ମେଳଖାଉ ନାହିଁ। ଅନ୍ୟତମ ଅଭିଯୁକ୍ତ ଦାଦା ଫେରାର ହୋଇଯାଇଥିବା ବେଳେ ତାଙ୍କ ସନ୍ତାନ ଉତ୍ପାଦନ କ୍ଷମତା ନ ଥିବା ପୀଡିତାଙ୍କ ବାପା ମଙ୍ଗଳବାର ବୟାନ ଦେଇଛନ୍ତି। ଏହି ବୟାନ ସମ୍ପୂର୍ଣ୍ଣ ଘଟଣାକୁ ଜଟିଳ କରିଥିବା ବେଳେ ପୀଡିତା ଓ ଶିଶୁ କନ୍ୟାର ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ଏ ସମ୍ପର୍କରେ ରେସୱାର ପରିଚାଳିକା ମିନତି ମହାରଣା କୁହନ୍ତିଯେ, ସ୍ୱଳ୍ପ ରହଣି କେନ୍ଦ୍ରରେ ନାବାଳିକା ମା' ଓ ଶିଶୁକନ୍ୟାକୁ ଉପଯୁକ୍ତ ଚିକିତ୍ସା ଓ ଅନ୍ୟାନ୍ୟ ସେବା ଯୋଗାଇ ହେଉନାହିଁ। ଏବେ ପୀଡିତା ରକ୍ତହୀନତାର ଶିକାର ହେଉଛି। ରକ୍ତ ପ୍ରଦାନ ପରେ ମଧ୍ୟ ଶାରୀରିକ ଅସୁସ୍ଥତା ରହିଛି। ସେହିପରି ଶିଶୁକନ୍ୟାର ଓଜନ ଆଶାନୁରୂପକ ବଢୁନାହିଁ। ଏହାକୁ ଦୃଷ୍ଟିରେ ରଖି ଉଭୟଙ୍କୁ ସ୍ଥାନାନ୍ତର କରିବା ପାଇଁ ସିଡବ୍ଲୁସିଙ୍କୁ ଜଣାଇଥିଲୁ। ଆନ୍ତର୍ଜାତିକ ମାନାବାଧିକାର କାଉନସିଲର କେନ୍ଦ୍ରାପଡା ଜିଲା ମୁଖ୍ୟ ପ୍ରତାପ ଚନ୍ଦ୍ର ପାଢ଼ୀ, ବୁଦ୍ଧିଜୀବୀ ସିବାଶିଷ ମହାନ୍ତି ମା'ଓ ଶିଶୁ କନ୍ୟାଙ୍କୁ ଅଲଗା ରହିବା ନିଷ୍ପତ୍ତିକୁ ବିରୋଧ କରିଛନ୍ତି। ସେମାନେ କୁହନ୍ତିଯେ, ଶିଶୁ ଏବେ ମା'କ୍ଷୀର ଗ୍ରହଣ କରୁଛି। ଏହି ସମୟରେ ଉଭୟଙ୍କୁ ଅଲଗା ରଖିବା ଠିକ୍ ନୁହେଁ। ସିଡବ୍ଲୁସି ଅଧ୍ୟକ୍ଷା ସ୍ମିତାଞ୍ଜଳୀ ମହାପାତ୍ରଙ୍କ କହିବାନୁସାରେ, ଦୁହିଁଙ୍କ ଶାରୀରିକ ଅବସ୍ଥା ଭଲ ନ ଥିବାରୁ ଚିକିତ୍ସାର ଆବଶ୍ୟକତା ରହିଛି। ଏଥିପାଇଁ ଦୁହିଁଙ୍କୁ ଅଲଗା ରଖାଯାଇଛି। ଏହାଛଡା ପୀଡିତା ଏବେ ନାବାଳିକା। ସେ ସାବାଳିକା ହେବା ପରେ ଏହି ଶିଶୁ କନ୍ୟାଙ୍କୁ ପୋଷ୍ୟ ପାଇଁ ଅନୁମତି ଦେଲେ ଶିଶୁର ଭାଗ୍ୟ ବଦଳିଯିବ। ଏବେ ଦୁହିଁଙ୍କୁ ଏକାଠି ରଖିଲେ ସେମାନଙ୍କ ମଧ୍ୟରେ ଆତ୍ମିୟତା ବଢ଼ିବ। ଫଳରେ ଆଗାମୀ ଦିନରେ ନାବାଳିକା ଉପରେ ଶିଶୁ କନ୍ୟାର ଭାର ଅସହ୍ୟ ହୋଇପଡିବା ଆଶଙ୍କା କରାଯାଉଛି। ଏଥିସହ ସେ କହିଛନ୍ତି, ଘଟଣାରେ ସମ୍ପୃକ୍ତ ଅନ୍ୟ ଜଣେ ଅଭିଯୁକ୍ତଙ୍କ ଏପର୍ଯ୍ୟନ୍ତ ଡିଏନ୍‌ଏ ଟେଷ୍ଟ ହୋଇ ନ ଥିବାରୁ ସମ୍ପୃକ୍ତ ଶିଶୁ କନ୍ୟାଙ୍କୁ ପୋଷ୍ୟ ସନ୍ତାନ କରିବା ଲାଗି ଅନୁମତି ଦିଆଯାଇ ପାରିବ ନାହିଁ। ଏ ସମ୍ପର୍କରେ ଜିଲାପାଳ, ଏସପି ଓ ଏଡିଜେଙ୍କ ସହ ବିଶଦ୍ ଭାବେ ଆଲୋଚନା କରାଯିବ ବୋଲି ସେ କହିଛନ୍ତି।

# ୧୫ରେ ବାରୁଅରେ କାଳିଆ ସମାବେଶ

କେନ୍ଦ୍ରାପଡା ଅଫିସ, ୧୨।୨

ଫେବୃୟାରୀ ୧୫ରେ ରାଜ୍ୟ ସରକାରଙ୍କ ପକ୍ଷରୁ କାଳିଆ ସମାବେଶ କେନ୍ଦ୍ରାପଡା ବ୍ଲକର ବାରୁଅଠାରେ ଅନୁଷ୍ଠିତ ହେବ। ଏହି ଅବସରରେ ରାଜ୍ୟର ୫ ଲକ୍ଷ ଭୂମିହୀନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବ। ସମାବେଶରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତକୁ ସଫଳ ପାଇଁ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଆୟୋଜିତ ହୋଇଯାଇଛି। ସହର ନିକଟ ଗରାପୁରଠାରେ ଆୟୋଜିତ ଏହି ବୈଠକରେ କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇ ଅଧ୍ୟକ୍ଷତା କରିଥିଲେ। ଏଥିରେ ମହାକାଳପଡା ବିଧାୟକ ଅତନୁ ସବ୍ୟସାଚୀ ନାୟକ, ଏରସମା ବାଲିକୁଦା ବିଧାୟକ ପ୍ରଶାନ୍ତ ମୁଦୁଲି, କଟକ ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟ, ତିର୍ତ୍ତୋଲ ବିଧାୟିକା ଡ. ରାଜଶ୍ରୀ ମଲ୍ଲିକ, ବିଞ୍ଝାରପୁର ବିଧାୟିକା ପ୍ରମିଳା ମଲ୍ଲିକ, ବିଜେଡି ରାଜ୍ୟ ସମ୍ପାଦକ ପ୍ରମୋଦ ସାହୁ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ଦୁର୍ଗାଶିଷ ମହାନ୍ତି, ସହ ପର୍ଯ୍ୟବେକ୍ଷକ ଦେବୁ ମଲ୍ଲିକ, କେନ୍ଦ୍ରାପଡା ବ୍ଲକ ଅଧ୍ୟକ୍ଷ ଅନାମବନ୍ଧୁ ଧଳ ଓ ଡେରାବିଶ ବ୍ଲକ ଅଧ୍ୟକ୍ଷ ସରୋଜକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ ପାଇଁ ଯାଜପୁର ଓ କେନ୍ଦ୍ରାପଡାର ବହୁ ଜିଲା ପରିଷଦ ଅଧ୍ୟକ୍ଷ, ବିଭିନ୍ନ ବ୍ଲକର ଅଧ୍ୟକ୍ଷା ଅଧ୍ୟକ୍ଷ ଓ ବରିଷ୍ଠ ନେତାମାନେ ଯୋଗଦେଇଥିଲେ।

■ କ୍ରିକେଟ୍ ଉପକରଣ ପାଇଁ କଳି

# ଭାଇକୁ ବଞ୍ଚାଇବାକୁ ଯାଇ ଭଉଣୀ ଗୁରୁତର

କେନ୍ଦ୍ରାପଡା ଅଫିସ, ୧୨।୨– ପଟ୍ଟାମୁଣ୍ଡାଇ ଥାନା ଅଞ୍ଚଳରେ ମଙ୍ଗଳବାର ଏକ ଅଭାବନୀୟ ଘଟଣା ଘଟିଛି। ଭାଇକୁ ବଞ୍ଚାଇବାକୁ ଯାଇ ଏନ୍‌ଏସି ଅଞ୍ଚଳର ଅଭୟ ମଲ୍ଲିକଙ୍କ ଝିଅ ମଞ୍ଜୁଳା(୧୬)ଗୁରୁତର ହୋଇଛନ୍ତି। ଜଣେ ବାଳକ ମଞ୍ଜୁଳାଙ୍କ ତଳି ପେଟରେ କ୍ରିକେଟ୍ ଷ୍ଟମ୍ପ ଭୁସି ଦେଇଛନ୍ତି। ଗୁରୁତର ଅବସ୍ଥାରେ ପୀଡିତାଙ୍କୁ ପ୍ରଥମେ ପଟ୍ଟାମୁଣ୍ଡାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲାମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ମାତ୍ର ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ପରେ ସମ୍ପୃକ୍ତ ବାଳକଙ୍କୁ ଥାନାରେ ଅଟକ ରଖାଯାଇଛି। ଅଭିଯୋଗପତ୍ର ଅନୁଯାୟୀ, ବିଜୁ ଯୁବ ବାହିନୀ ପକ୍ଷରୁ ଏହି ଅଞ୍ଚଳରେ ଖେଳ ଉପକରଣ ପ୍ରଦାନ କରାଯାଇଥିଲା। ଏହି ସମୟରେ ବ୍ୟାଟ ବଲ କାହା ଘରେ ରହିବ, ସେନେଇ ମଞ୍ଜୁଳାଙ୍କ ଭାଇ ଓ ଅଭିଯୁକ୍ତ ବାଳକଙ୍କ ମଧ୍ୟରେ କଳି ହୋଇଥିଲା। ଏହି କଳି ବେଳେ ଭାଇର ପକ୍ଷ ନେବାକୁ ମଞ୍ଜୁଳା ଯାଇଥିବା ବେଳେ ଅଭିଯୁକ୍ତ ହାତରେ ଧରିଥିବା ଷ୍ଟମ୍ପକୁ ତାଙ୍କ ପେଟରେ ଭୁସି ଦେଇଥିଲେ।

■ ଶ୍ରୀଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ

# ଦେବଭୂମିରେ ନୈତିକ ମୂଲ୍ୟବୋଧର ଅବକ୍ଷୟ ସମାଜ ପାଇଁ ବିପଦ

ରାଜନଗର,୧୨।୨(ଡିଏନଏ)

ରାଜନଗର ବ୍ଲକର କେରଡାଗଡସ୍ଥିତ ଶ୍ରୀ ଜଗନ୍ନାଥ ନୋଡାଲ ଉଚ୍ଚ ବିଦ୍ୟାଳୟର ତିନିଦିନିଆ ସୁବର୍ଣ୍ଣଜୟନ୍ତୀ ଉତ୍ସବ ମଙ୍ଗଳବାର ଉଦ୍‌ଘାଟିତ ହୋଇଛି। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଆଧ୍ୟାତ୍ମିକ ଗୁରୁ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଯୋଗ ଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଦେବଭୂମି ଭାରତବର୍ଷରେ କାଇଁ କେଉଁ ଅନାଦି କାଳରୁ ମୁନିଋଷିମାନେ ନୈତିକ ମୂଲ୍ୟବୋଧର ଶିକ୍ଷା ଦେଇ ଆସିଛନ୍ତି। ଆଜି ସମୟ ବଦଳିଛି। ଏହି ମାଟିରେ ନୈତିକ ମୂଲ୍ୟବୋଧର ଅବକ୍ଷୟ ସମାଜକୁ ଧ୍ୱଂସ ଆଡକୁ ଟାଣି ନେଉଛି। ଏହାକୁ ସଜାଡିବାକୁ ହେଲେ ଆଜିର ଯୁବପୀଢି ସଂକଳ୍ପ ନେବାର ସମୟ ଆସିଛି ବୋଲି ପ୍ରଜ୍ଞାନାନନ୍ଦଜୀ ମହାରାଜ କହିଛନ୍ତି। ପୁରାତନ ଛାତ୍ର ସଂସଦର ସଭାପତି ଅରୁଣ କୁମାର ସାହୁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ସୁବର୍ଣ୍ଣଜୟନ୍ତୀ ଉତ୍ସବରେ ସ୍ୱାସ୍ଥ୍ୟ, ପରିବାର କଲ୍ୟାଣ ଓ ଆଇନମନ୍ତ୍ରୀ ପ୍ରତାପ କୁମାର ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ବିଦ୍ୟାଳୟର ଗାରିମାକୁ ବଜାୟ ରଖିବାକୁ ହେଲେ କେବଳ ଛାତ୍ରୀଛାତ୍ର ନୁହେଁ, ବରଂ ଅଭିଭାବକ ଓ ସମାଜର ପ୍ରତିଟି ସ୍ତରରୁ ଉଦ୍ୟମ ହେବା ଆବଶ୍ୟକ। ଏହି ଅବସରରେ ସେ ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା, କାଳିଆ ଯୋଜନା, ପିଠା ଓ ରାଶନ କାର୍ଡରୁ କୌଣସି ଗରିବ ଲୋକ ବଞ୍ଚିତ ହେବେ ନାହିଁ ବୋଲି କହିଥିଲେ। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ ଯୋଗଦେଇ କହିଥିଲେ ଯେ, ମଣିଷର ଚେତନା ଭିତରେ ବିପୁଳ ସତ୍ୟର ଐଶ୍ୱର୍ଯ୍ୟ




ମଞ୍ଚାସୀନ ଅତିଥିବୃନ୍ଦ।

ଅଛି। ଏହାକୁ ସନ୍ଧାନ କରିବା ପାଇଁ ପ୍ରକୃତ ବିଦ୍ୟା ଶିକ୍ଷା ଦିଏ। ଏଥିପାଇଁ ଉପଯୁକ୍ତ ଗୁରୁଙ୍କର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ବିଜେଡି ସଭାପତି ଧ୍ରୁବ ସାହୁ, ଡ. ଶରତ କୁମାର ଆଚାର୍ଯ୍ୟ ଏବଂ ସମ୍ମାନିତ ବକ୍ତା ଭାବେ ପ୍ରାଧ୍ୟାପକ ଅତୁଳ ବଳ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ କୁମାର ବଳ ସଂପାଦକୀୟ ବିବରଣୀ ପାଠ କରିଥିଲେ। ପଣ୍ଡିତ ବରଦାକାନ୍ତ ଜେନା ବେଦପାଠ କରିଥିବା ବେଳେ ଛାତ୍ରୀଛାତ୍ରମାନେ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ। ସୁବର୍ଣ୍ଣଜୟନ୍ତୀର ପ୍ରଥମ ଅଧିବେଶନକୁ କେନ୍ଦ୍ରାପଡା ଉପଜିଲାପାଳ ସଞ୍ଜୟ କୁମାର ମିଶ୍ର ଉଦ୍‌ଘାଟନ କରିଥିଲେ। ଏଥିରେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡା. ରଶ୍ମିରଞ୍ଜନ ମହାନ୍ତି, ବିଦ୍ୟାଳୟର ପ୍ରଧାନଶିକ୍ଷକ ଅନିଲ କୁମାର ବଳ, ପୁରାତନ ଛାତ୍ର ସଂସଦର କୈଳାସ ଚନ୍ଦ୍ର ପରିଡା ଅତିଥି ଭାବେ ଯୋଗ ଦେଇଥିଲେ। ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ର ଓ ପୁରାତନ ଛାତ୍ରୀଛାତ୍ର ମଶାଲ ଶୋଭାଯାତ୍ରା ସହ କଳସ ଶୋଭାଯାତ୍ରା କରିଥିଲେ। ପୁରାତନ ଛାତ୍ର ନବକିଶୋର ପାତ୍ର ମଶାଲ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବରିଷ୍ଠ ପତ୍ରକାର ସୂର୍ଯ୍ୟ ନାରାୟଣ ଲେଙ୍କାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପରିସରରେ ଅତିଥିମାନେ ସୁବର୍ଣ୍ଣଜୟନ୍ତୀର ସ୍ମାରକୀ, ବିଦ୍ୟାଳୟ ପ୍ରତିଷ୍ଠାତା ଅଦ୍ୱୈତ ପ୍ରସାଦ ବଳ, ଜାତିରପିତା ମହାତ୍ମାଗାନ୍ଧୀ ଓ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚିତ କରିଥିଲେ।

■ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ

# ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀଙ୍କୁ ଦୀନବନ୍ଧୁ ସ୍ମୃତି ସମ୍ମାନ

କେନ୍ଦ୍ରାପଡା ଅଫିସ, ୧୨।୨

କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବରେ ୨ୟ ଦିବସକୁ ପ୍ରତିଷ୍ଠା ଦିବସ ଭାବେ ମଙ୍ଗଳବାର ପାଳନ କରାଯାଇଛି। ଏଥିପାଇଁ ଆୟୋଜିତ ସଭାରେ କ୍ରିୟାଯୋଗ ମିଶନର ସଞ୍ଚାଳକ ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀଙ୍କୁ ଦୀନବନ୍ଧୁ ସାହୁ ସ୍ମୃତି ସମ୍ମାନ ଓ ଡ. ଶତ୍ରୁଘ୍ନ ପାଣ୍ଡବଙ୍କୁ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ଏଥିସହ ମହାବିଦ୍ୟାଳୟର ପୁରାତନ ଶିକ୍ଷକ, କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବାହ୍ନରେ ମହାବିଦ୍ୟାଳୟର ପରିଚାଳନା କମିଟି ସଭାପତି କେନ୍ଦ୍ରାପଡା ବିଧାୟକ କିଶୋର ଚନ୍ଦ୍ର ତରାଇଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପଦ୍ମଶ୍ରୀ ପ୍ରତିଭା ରାୟ, ଶିକ୍ଷାବିତ୍ ହରପ୍ରସାଦ ଦାସ, ଡାକ ବିଭାଗ ମୁଖ୍ୟ ପ୍ରବନ୍ଧକ ସନ୍ତୋଷ କୁମାର କାମିଲା, ଅଧ୍ୟକ୍ଷ ବିନ୍ଦୁମିତ୍ର ବଳ, ପରମହଂସ ସ୍ୱାମୀ ପ୍ରଜ୍ଞାନାନନ୍ଦଜୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଅତିଥିମାନେ ମହାବିଦ୍ୟାଳୟର ଐତିହ୍ୟ, ଶିକ୍ଷା ବ୍ୟବସ୍ଥା ଓ ଭବିଷ୍ୟତ ସମ୍ପର୍କରେ ମତ ଉପସ୍ଥାପନ କରିଥିଲେ। ପରେ ଜୟନ୍ତୀ ଉପଲକ୍ଷେ ପ୍ରକାଶିତ ମୁଖପତ୍ର 'ରିସର୍ଚ୍ଚ ଜର୍ଣ୍ଣାଲ' ଓ 'କ୍ୟାମ୍ପସ ବୁଲେଟିନ'କୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ଡ. ବାସୁଦେବ ଦାସ, ଡ. ସଞ୍ଜୁକ୍ତା ଦାସ, ଡ. କୈଳାସ ଚନ୍ଦ୍ର ଲେଙ୍କା, ଡ. ଅନିଲ ଲେଙ୍କା, ଅରକ୍ଷିତ ରାଉତ, ଡ. ରାଜେନ୍ଦ୍ର ପ୍ରସାଦ ତ୍ରିପାଠୀ, ଡ. ଅନ୍ନପୂର୍ଣ୍ଣା ସୁଆର, ଡ. ଜ୍ଞାନୀନ୍ଦ୍ର ଦାଶ ଓ ପ୍ରଫୁଲ୍ଲ ସାହୁଙ୍କୁ ବିଭିନ୍ନ କ୍ଷେତ୍ରରେ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାକୁ ଅଧ୍ୟାପିକା ପୂର୍ବାଶା ପ୍ରିୟଦର୍ଶିନୀ, ପ୍ରଭାମୟୀ ସାମନ୍ତରାୟ, ତପନ କୁମାର ପତି ଓ ମହାବିଦ୍ୟାଳୟର କର୍ମଚାରୀ ଓ ଛାତ୍ରୀଛାତ୍ର ପରିଚାଳନା କରିଥିଲେ।

## ସଂକ୍ଷେପରେ

### କାର୍ଯ୍ୟରେ ଯୋଗଦେଲେ ନୂଆ ଜିଲାପାଳ



**ଜଗତ୍‌ସିଂହପୁର ଅଫିସ, ୧୨।୨:** ଜଗତ୍‌ସିଂହପୁରର ନୂଆ ଜିଲାପାଳ ଗୁହା ପୁନମ୍ ତାପସ କୁମାର ମଙ୍ଗଳବାର କାର୍ଯ୍ୟରେ ଯୋଗ ଦେଇଛନ୍ତି। ପୂର୍ବତନ ଜିଲାପାଳ ୟାମିନୀ ଷଡ଼ଙ୍ଗୀଙ୍କଠାରୁ ସେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଏହାକୁ ଶୃଙ୍ଖଳିତ ଭାବେ ପରିଚାଳନା ନିମନ୍ତେ ସେ ପ୍ରାଥମିକତା ଦେବେ। ଏଥିସହ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନାର ସଫଳ ରୂପାୟନ ପାଇଁ ଅଧିକ ଦାୟିତ୍ୱବାନ ହେବେ। ସୂଚନାଯୋଗ୍ୟ, ନୂଆ ଜିଲାପାଳ ପୂର୍ବରୁ ନୂଆପଡ଼ା, ଝାରସୁଗୁଡ଼ା, ଦେବଗଡ଼ ଓ ରାୟଗଡ଼ା ଜିଲାରେ ସଫଳତାର ସହ କାର୍ଯ୍ୟ କରି ସୁନାମ ଅର୍ଜନ କରିଛନ୍ତି। ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ସଚ୍ଚିଦାନନ୍ଦ ସାହୁ, ପାରାଦୀପ ଅତିରିକ୍ତ ଜିଲାପାଳ କାହ୍ନୁ ଚରଣ ଧୀର, ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି, ଯୋଜନା ଓ ପରିସଂଖ୍ୟାନ ଉପନିର୍ଦ୍ଦେଶକ କୈଳାସ ଚନ୍ଦ୍ର ପାଣି, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ମହେଶ୍ୱର ପ୍ରଧାନଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ, ଡେପୁଟି କଲେକ୍ଟର ଓ ସହକାରୀ ଜିଲାପାଳମାନେ ଉପସ୍ଥିତ ରହି ତାଙ୍କୁ ସ୍ୱାଗତ କରିଥିଲେ।

### ରତ୍ନଯୋଡ଼ିରେ ମାଘସପ୍ତମୀ ବୁଡ଼

**ବିରିଡ଼ି, ୧୨।୨(ଡି.ଏନ.ଏ.):** ପବିତ୍ର ମାଘସପ୍ତମୀ ଉପଲକ୍ଷେ ବିରିଡ଼ି ବ୍ଲକ ଦରଡ଼ାଶାସନଠାରେ ଥିବା ମାଳିକ ବର୍ଣ୍ଣିତ ରତ୍ନଯୋଡିରେ ମଙ୍ଗଳବାର ପ୍ରାତଃରେ ହଜାର ହଜାର ଶ୍ରଦ୍ଧାଳୁ ବୁଡ଼ ପକାଇଛନ୍ତି। ରତ୍ନବଟ ଓ ରତ୍ନଯୋଡ଼ି ଉନ୍ନୟନ ଟ୍ରଷ୍ଟ ବୋର୍ଡ ଆନୁକୂଲ୍ୟରେ ଏଠାରେ ସ୍ନାନ ମହୋତ୍ସବ ସହ ସୋମବାର ମଧ ଏକ ଆଧାତ୍ମିକ ସଭା କରାଯାଇଥିଲା। ଏଥିରେ ସମ୍ପଦ ମହାପାତ୍ର, ଗ୍ରନ୍ଥକାର ଅରୁଣ କୁମାର ପଣ୍ଡା, ବେଦବିତ୍ ସଂଗ୍ରାମ ମିଶ୍ର, ସାହିତ୍ୟିକ ପ୍ରଫୁଲ୍ଲ ଚନ୍ଦ୍ର କର, ବଂଶୀବାଦକ ହରିହର ମିଶ୍ର, ଓଡ଼ିଶା ଜଗନ୍ନାଥ ସଂସ୍କୃତିର କଥା ପ୍ରଚାରକ ବାବା ଦିବାକର ଦାସ ମହାରାଜ, ଉପାଧକ୍ଷା ଗୀତାଞ୍ଜଳି ସାହୁ, ମା' ସରସ୍ୱତୀ ମାତା ପ୍ରମୁଖ ଯୋଗ ଦେଇଥିଲେ। ମହାପୁରୁଷ ପଞ୍ଚସଖାଙ୍କ ସ୍ୱରଚିତ ମାଳିକାରେ ରତ୍ନଯୋଡ଼ି ସମ୍ପର୍କରେ ଉଲ୍ଲେଖ ଥିବା ବାବା ଦିବାକର ଦାସ ମହାରାଜ କହିଥିଲେ। ବିଶେଷକରି ଆଗତ ଭବିଷ୍ୟ ମାଳିକା ଅମରଯୁଗର ସଂହିତାରେ ରତ୍ନଯୋଡ଼ି ସମ୍ପର୍କରେ ଉଲ୍ଲେଖ ରହିଛି। ରତ୍ନଯୋଡି ସମ୍ପର୍କରେ ଅନେକ ଲୋକକଥା ଶୁଣିବାକୁ ମିଳେ। ଏହି ପରିପ୍ରେକ୍ଷୀରେ ମଙ୍ଗଳଆଳତୀ, ବେଦପାଠ, ବିଷ୍ଣୁ ସହସ୍ର ନାମ, ରାମଲୀଳା ଓ ସାରାରାତି ରାସୋତ୍ସବ ହୋଇଥିଲା। ପ୍ରବକ୍ତା ରମାକାନ୍ତ ନାୟକ, ତାପସ ଚନ୍ଦ୍ର ପ୍ରଧାନ, ମହନ୍ତ ଶିବ ପ୍ରସାଦ ସ୍ୱାଇଁ, ଦେବେନ୍ଦ୍ରେ ସାହୁ, ସୁରେନ୍ଦ୍ର ଓଝା, ଜ୍ଞାନରଞ୍ଜନ ଦାସ, ସୁଧାକର ସ୍ୱାଇଁ, ପ୍ରତିଭା ଶତପଥୀ, ପ୍ରଫୁଲ୍ଲ ସେଠୀ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

### କାଳିଆ ସମାବେଶକୁ ଯିବେ ୫ ହଜାର ଚାଷୀ

**ବାଲିକୁଦା, ୧୨।୨(ସ୍ୱ.ପ୍ର.):** ଆସନ୍ତା ୧୫ ତାରିଖରେ କେନ୍ଦ୍ରାପଡ଼ାଠାରେ ହେବାକୁଥିବା କାଳିଆ ଯୋଜନା ସମ୍ପର୍କିତ ଚାଷୀ ସମାବେଶରେ ବାଲିକୁଦା-ଏରସମା ନିର୍ବାଚନମଣ୍ଡଳୀରୁ ୫ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଓ ବିଜେଡି କର୍ମୀ ଯୋଗଦେବେ। ଏଥିପାଇଁ ବଡ଼ଗାଁ ପଞ୍ଚାୟତ ନୂଆଗାଁସ୍ଥିତ କରକେଇ ହାଟ ପଡିଆଠାରେ ବିଜେଡି ପକ୍ଷରୁ ଏକ ପ୍ରସ୍ତୁତି ବୈଠକ ହୋଇଛି। ଏଥିରେ ବ୍ଲକ ବିଜେଡି ସଭାପତି ରତ୍ନାକର ନାୟକ ସଭାପତିତ୍ୱ କରିଥିଲେ। ବିଧାୟକ ତଥା ଜିଲା ଯୋଜନା କମିଟି ଅଧକ୍ଷ ପ୍ରଶାନ୍ତ ମୁଦୁଲି ଯୋଗଦେଇ ସରକାରଙ୍କ ଏହି ଚାଷୀ ହିତକର ଯୋଜନା ସମ୍ପର୍କରେ କହିଥିଲେ। ବ୍ଲକ ଅଧକ୍ଷା ମଧୁସ୍ମିତା ସାହୁ, ଉପାଧକ୍ଷ ରାଖାଲ ଚନ୍ଦ୍ର ଦାସ, ଜିଲା ପରିଷଦ ସଭ୍ୟ ରାମଚନ୍ଦ୍ର ମହାନ୍ତି, ଜିଲା ପରିଷଦ ସଦସ୍ୟା ଜୟଶ୍ରୀ ଦର୍ପଦଳିନୀ ମଲ୍ଲିକ, ବବିତା ସ୍ୱାଇଁ, ଏମ୍‌ପିଙ୍କ ପ୍ରତିନିଧି କମଳାକାନ୍ତ ମହାପାତ୍ର, ଜିଲା ଯୁବ ବିଜେଡି ସାଧାରଣ ସମ୍ପାଦକ ଶିବ ପ୍ରସାଦ ପାତ୍ର, ଉପସଭାପତି ଶୁଭେନ୍ଦ୍ର ଦାସ, ନିର୍ବାଚନମଣ୍ଡଳୀ ଯୁବ ବିଜେଡି ସଭାପତି ଅଲେଖ ସ୍ୱାଇଁ, ମାଛଗାଁ ସରପଞ୍ଚ ପର୍ଶୁରାମ ସେଠୀ, ଅନନ୍ତପୁର ସରପଞ୍ଚ ରମେଶ ପାଇଟାଳ ପ୍ରମୁଖ ଉପସ୍ଥିତ ଥିଲେ।

# ସେଣ୍ଟ୍ ଜାଭିୟର ହାଇସ୍କୁଲ ଏନ୍‌ଓସି ବାତିଲ

- ଡିଇଓ, ତହସିଲଦାରଙ୍କ ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ
- ଉଚ୍ଚକ୍ଷମତାସମ୍ପନ୍ନ କମିଟି ନେଇଛି ନିଷ୍ପତ୍ତି

**ଜଗତ୍‌ସିଂହପୁର ଅଫିସ, ୧୨।୨**

ସ୍ଥାନୀୟ ସେଣ୍ଟ ଜାଭିୟର୍ସ ହାଇସ୍କୁଲ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜାଲ ଜମି କାଗଜପତ୍ର ଦାଖଲ କରି ଏହି ବିଦ୍ୟାଳୟ ଏନ୍‌ଓସି (ନୋ ଅବଜେକ୍ସନ୍ ସାର୍ଟିଫିକେଟ) ପାଇଥିବା ଜଣାପଡିବା ପରେ ୭।୨।୧୯ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ବଳରେ ଏହାର ଏନ୍‌ଓସି ବାତିଲ କରିଦିଆଯାଇଛି। ଉକ୍ତ ନିର୍ଦ୍ଦେଶନାମାର ନକଲ ଆଇସିଏସ୍‌ଇ ସେକ୍ରେଟାରୀ, ଡିଇଓ ଜଗତ୍‌ସିଂହପୁର, ବିଦ୍ୟାଳୟ, ସେଣ୍ଟ ଜାଭିୟର ହାଇସ୍କୁଲ ସମ୍ପାଦକ ଓ ଗଣଶିକ୍ଷା ବିଭାଗ ଡେପୁଟି ସେକ୍ରେଟାରୀଙ୍କ ନିକଟକୁ ପଠାଯାଇଛି।

ଏହି ନିର୍ଦ୍ଦେଶନାମାରେ ଉଲ୍ଲେଖ ଅଛି ଯେ ଜଗତ୍‌ସିଂହପୁର ଡିଇଓ ଏବଂ ତହସିଲଦାରଙ୍କ ରିପୋର୍ଟ ଅନୁଯାୟୀ ମିଥ୍ୟା ଜମି କାଗଜପତ୍ର ଦେଇ ଏହି ହାଇସ୍କୁଲ ପୂର୍ବରୁ ଏନ୍‌ଓସି ପାଇଥିଲା। ଏପରି କି ହାଇସ୍କୁଲ ନାମରେ କିଛି ବି ଜମି ନ ଥିଲା। ଡିଇଓ ଏବଂ ତହସିଲଦାରଙ୍କ ଏଭଳି ରିପୋର୍ଟ ଉପରେ ୧୫।୧।୧୯ରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟିରେ ଆଲୋଚନା ହୋଇଥିଲା। ଶେଷରେ ଉଚ୍ଚ କ୍ଷମତା ସମ୍ପନ୍ନ କମିଟି ଏନ୍‌ଓସି ପ୍ରତ୍ୟାହାର ପାଇଁ ନିଷ୍ପତ୍ତି ନେଇଥିଲା। ସୂଚନାଯୋଗ୍ୟ, ସେଣ୍ଟ ଜାଭିୟର ହାଇସ୍କୁଲକୁ ୧ବର୍ଷ ପାଇଁ ଏନ୍‌ଓସି ମିଳିଥିଲା। ୧୯।୮।୨୦୦୮ରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ନିର୍ଦ୍ଦେଶନାମା ସଂଖ୍ୟା-୪୩୨୬୨ ଅନୁଯାୟୀ ଏହି ବିଦ୍ୟାଳୟକୁ ସିବିଏସ୍‌ଇ/ଆଇସିଏସ୍‌ଇ ପାଠ୍ୟକ୍ରମ ପାଇଁ ଅନୁମୋଦନ ମିଳିଥିଲା। ପରେ ମିଥ୍ୟା ଜମି କାଗଜପତ୍ର ଦେଇ ଏହି ବିଦ୍ୟାଳୟ ଅନୁମୋଦନ ପାଇଥିବା ଅଭିଯୋଗ ହେବାରୁ ଏହା ଉପରେ ଜଗତ୍‌ସିଂହପୁର ତହସିଲଦାର ତଦନ୍ତ ଆରମ୍ଭ କରିଥିଲେ। ତଦନ୍ତରୁ ଜଣାପଡିଥିଲା ଯେ, ସ୍କୁଲ କର୍ତ୍ତୃପକ୍ଷ ମିଥ୍ୟା ଜମି ରେକର୍ଡ ଦାଖଲ କରି ଏହି ସୁବିଧା ହାସଲ କରିଛନ୍ତି। ପରେ ୩।୧୧।୧୭ରେ ତହସିଲଦାର ପତ୍ର ସଂଖ୍ୟା ୪୩୭୫ରେ ଏ ସମ୍ପର୍କରେ ରିପୋର୍ଟ ଦାଖଲ କରିଥିଲେ। ଫଳରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକ ଏହି ବିଦ୍ୟାଳୟର ଏନ୍‌ଓସି ବାତିଲ ପାଇଁ ପଦକ୍ଷେପ ନେଇଥିଲେ। ୨୦୧୭-୧୮ରୁ ୨୦୨୧-୨୨ ପର୍ଯ୍ୟନ୍ତ ବିଦ୍ୟାଳୟଟି ପୁଣି ୫ ବର୍ଷିଆ ସିଓଆର୍ (ସାର୍ଟିଫିକେଟ୍ ଅଫ ରେକଗ୍ନାଇଜେଶନ୍) ପାଇଁ ଦରଖାସ୍ତ କରିଥିଲା। ଜଗତ୍‌ସିଂହପୁର ବ୍ଲକ ଶିକ୍ଷା ଅଧିକାରୀ(ବିଇଓ) ଏହି ବିଦ୍ୟାଳୟ ପରିଦର୍ଶନ କରି ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କ ଉଦ୍ଦେଶ୍ୟରେ ଓପେପା ୱେବ୍ ପୋର୍ଟାଲରେ ଅନଲାଇନ୍ ମାଧ୍ୟମରେ ରିପୋର୍ଟ ଦାଖଲ କରିଥିଲେ। ଏଥିରେ ଉଲ୍ଲେଖ ଅଛି ଯେ ବିଦ୍ୟାଳୟରେ ତାଲିମପ୍ରାପ୍ତ ଶିକ୍ଷକଙ୍କ ସଂଖ୍ୟା କମ୍ ରହିଛି। ଶିକ୍ଷା ଅଧିକାର ଆଇନ (ଆର୍‌ଟିଇ) ଠିକ ଭାବେ ପାଳନ କରାଯାଇନାହିଁ। ଅର୍ଥାତ୍ ଯୋଗ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ୨୫% ସ୍ଥାନ ସଂରକ୍ଷଣ କରାଯାଇନାହିଁ। ବିଦ୍ୟାଳୟଟି ଭଡ଼ା ଘରେ ଚାଲିଥିବାବେଳେ ଖେଳପଡ଼ିଆ ନାହିଁ। ଏସବୁ କାରଣରୁ ଉକ୍ତ ବିଦ୍ୟାଳୟକୁ ସିଓଆର୍ ଦିଆଯିବା ଉଚିତ ନୁହେଁ। ୧।୧୦।୧୮ରେ ବିନା ସିଓଆର୍‌ରେ ବିଦ୍ୟାଳୟଟି ଚାଲିଥିବା ଦର୍ଶାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ପିଟିସନ୍ ଦାଖଲ କରିଥିଲେ। ଏସବୁକୁ ବିଚାରକୁ ନେଇ ଆବଶ୍ୟକ ପଦକ୍ଷେପ ନେବାକୁ ଡିଇଇ ନିର୍ଦ୍ଦେଶ ଦେଲେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଡିଇଓ ଚିଠି କରିଥିଲେ। କିନ୍ତୁ ଏହା ଭିତରେ ହାଇସ୍କୁଲ ଏନ୍‌ଓସି ପାଇବାକୁ ସକ୍ଷମ ହେବାରୁ ଅସନ୍ତୋଷ ବୃଦ୍ଧି ପାଇଥିଲା।



ଦଳିତ ବିକାଶ ପରିଷଦ ପକ୍ଷରୁ ତହସିଲଦାରଙ୍କୁ ଦାବିପତ୍ର ଦିଆଯାଉଛି।

### ତହସିଲଦାରଙ୍କୁ ଦଳିତ ବିକାଶ ପରିଷଦର ଦାବିପତ୍ର

# ଭୂମିହୀନଙ୍କୁ ପଟ୍ଟା ନ ଦେଲେ ଆନ୍ଦୋଳନ

**ନାଉଗାଁ, ୧୨।୨(ସ୍ୱ.ପ୍ର.)**

ଭୂମିହିନଙ୍କୁ ଜମିପଟ୍ଟା ଯୋଗାଇ ଦେବାକୁ ସରକାର ବସୁନ୍ଧରା ଯୋଜନା କରିଛନ୍ତି। ତେବେ ଏହି ଯୋଜନା ଠିକ୍ ଭାବେ କାର୍ଯ୍ୟକାରୀ କରାଯାଉନାହିଁ। ବିଶେଷ କରି ନାଉଗାଁ ବ୍ଲକରେ ଭୂମିହିନମାନେ ଜମିପଟ୍ଟା ପାଇଁ ଦୀର୍ଘଦିନ ଅପେକ୍ଷା କରି ନିରାଶ ହେଉଛନ୍ତି। ଏନେଇ ବାରମ୍ବାର ଅଭିଯୋଗ, ଆନ୍ଦୋଳନ କରାଯାଇଥିଲେ ମଧ କୌଣସି ସୁଫଳ ମିଳିନାହିଁ ବୋଲି ଦଳିତ ବିକାଶ ପରିଷଦ ପକ୍ଷରୁ କୁହାଯାଇଛି। ପରିଷଦର ସମ୍ପାଦକ ଶଙ୍କର ଦାସ ତୁରନ୍ତ ଭୂମିହିନଙ୍କୁ ଚିହ୍ନଟ କରି ଜମିପଟ୍ଟା ପ୍ରଦାନ କରିବା ପାଇଁ ମଙ୍ଗଳବାର ତହସିଲଦାର ଜେ.କଳ୍ପନାଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଯଦି ୭ ଦିନ ମଧ୍ୟରେ ଜମିପଟ୍ଟା ପ୍ରଦାନ କରା ନ ଯାଏ, ତେବେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ପରିଷଦ ପକ୍ଷରୁ ଚେତାବନୀ ଦିଆଯାଇଛି। ପ୍ରକାଶ ଯେ, ଅଙ୍ଗେଶ୍ୱରପଡ଼ାରେ ଥିବା ଆଦିବାସୀ ବସ୍ତିରେ ୨୫ ଭୂମିହିନ ଆଦିବାସୀ ପରିବାର ଅଛନ୍ତି। ତହସିଲ ପକ୍ଷରୁ ୧୩ ଭୂମିହିନଙ୍କୁ ଚିହ୍ନଟ କରାଯାଇଥିବା ବେଳେ ଅବଶିଷ୍ଟ ୧୨ ପରିବାରଙ୍କ କଥା ବିଚାର କରାଯାଇନାହିଁ। ସେହିପରି ଅଲଣାହାଟସ୍ଥିତ ଖଇରାବସ୍ତିରେ ୨୧ ଦଳିତ ପରିବାର ଥିବାବେଳେ ସେମାନଙ୍କୁ ଏପର୍ଯ୍ୟନ୍ତ ପ୍ରଶାସନ ପକ୍ଷରୁ ଚିହ୍ନଟ କରାଯାଇନାହିଁ। ତେଣୁ ତୁରନ୍ତ ଏହାର ଅନୁଧ୍ୟାନ କରି ସମସ୍ତ ଦଳିତ ଭୂମିହିନ ପରିବାରକୁ ପଟ୍ଟା ଯୋଗାଇବା ପାଇଁ ପରିଷଦ ପକ୍ଷରୁ ଦାବି କରାଯାଇଛି। ୨୦୧୮ ଡିସେମ୍ବର ପ୍ରଥମ ସପ୍ତାହରେ ଭୂମିହିନଙ୍କୁ ପଟ୍ଟା ଯୋଗାଇ ଦେବାକୁ ସରକାର ଘୋଷଣା କରିଥିବାବେଳେ ପ୍ରଶାସନ ପକ୍ଷରୁ ତଦନ୍ତ କରାଯାଉନାହିଁ। ଏ ସମ୍ପର୍କରେ ତହସିଲଦାର ଜେ. କଳ୍ପନାଙ୍କୁ ପଚାରିବାରେ ଶୀଘ୍ର ତଦନ୍ତ କରାଯାଇ ପଟ୍ଟା ପ୍ରଦାନ କରାଯିବ ବୋଲି କୁହାଯାଇଛି।



ନବନିର୍ମାଣ କୃଷକ ସଂଗଠନ କର୍ମକର୍ତ୍ତାମାନେ ପ୍ରତିବାଦ ପ୍ରଦର୍ଶନ କରୁଛନ୍ତି।

### ଉତ୍‌ଥାନ ପ୍ରଶିକ୍ଷଣ ଶିବିର

**ବିରିଡ଼ି, ୧୨।୨(ଡି.ଏନ.ଏ.)**

ବିରିଡ଼ି ବ୍ଲକ ଶିକ୍ଷା ବିଭାଗ ଆନୁକୂଲ୍ୟରେ ଯଶୋବନ୍ତ ବିଦ୍ୟାପୀଠ ନାଇଲୋଠାରେ ମଙ୍ଗଳବାର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭ମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଅଭିବୃଦ୍ଧି ନିମନ୍ତେ ୫୦ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ଉତ୍‌ଥାନ ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ। ବିଶେଷକରି ଓଡ଼ିଆ ଓ ଇଂଲିଶ ଶ୍ରେଣୀ ଅନୁଯାୟୀ ଦକ୍ଷତା ହାସଲ କରିବା ଓ ଦୁର୍ବଳ ଶ୍ରେଣୀର ପିଲାଙ୍କ ଦକ୍ଷତା ବୃଦ୍ଧି କରାଇବା ଏହାର ଲକ୍ଷ୍ୟ। ତେଣୁ ଶିକ୍ଷକମାନଙ୍କୁ ଏଥିରେ ପ୍ରଶିକ୍ଷଣ ଦିଆଯାଉଛି। ଶୈଳବାଳା ରାୟ, ପ୍ରିୟତମା ସାହୁ, ବାଦଲ ସେଠୀ, ସୌମ୍ୟାଶ୍ରୀ ରାୟ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।

## ତେରତାଙ୍ଗରେ ଭାଜପାର ମିଶ୍ରଣ ପର୍ବ

**ତିର୍ତ୍ତୋଲ, ୧୨।୨ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ତରଜଙ୍ଗା ପଞ୍ଚାୟତ ତେରତାଙ୍ଗଠାରେ ମଙ୍ଗଳବାର ଭାଜପାର ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଛି। ତିର୍ତ୍ତୋଲ ମଣ୍ଡଳ ଓବିସି ମୋର୍ଚ୍ଚା ସଭାପତି ପ୍ରତାପ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ମିଶ୍ରଣ ପର୍ବରେ ଭାଜପା ନେତା ହରିହର ବେହେରା, ଯୁବମୋର୍ଚ୍ଚା ସଭାପତି ଶିବପ୍ରସାଦ ସାହୁ, ଅନୁସୂଚିତ ଜାତି ମୋର୍ଚ୍ଚା ଜିଲା ସାଧାରଣ ସମ୍ପାଦକ ସାଗର ଦାସ, ଚିତ୍ତରଞ୍ଜନ ସାହୁ, ପୂର୍ଣ୍ଣଚନ୍ଦ୍ର ଦାସ, ସୁଧୀର ପଣ୍ଡା, ବିଜୟ ଦାଶ, ମଣ୍ଡଳ ସଭାପତି ପ୍ରମୋଦ ପ୍ରଧାନଙ୍କ ସମେତ ବହୁ କର୍ମୀ ଉପସ୍ଥିତ ଥିଲେ। ଏହି ଅବସରରେ ୨୫ରୁ ଊର୍ଦ୍ଧ୍ୱ କର୍ମୀ ବିଜେଡି ଓ କଂଗ୍ରେସ ଛାଡ଼ି ଭାଜପାରେ ଯୋଗ ଦେଇଥିଲେ।

## ନବନିର୍ମାଣ କୃଷକ ସଙ୍ଗଠନର ରାଜପଥ ଅବରୋଧ

**ପାରାଦୀପ/କୁଜଙ୍ଗ, ୧୨।୨(ସ୍ୱ.ପ୍ର.)**

୫ନଂ.(କ) ଜାତୀୟ ରାଜପଥର ପାରାଦୀପ ଉପକଣ୍ଠ ଭୂତମୁଣ୍ଡାଇଠାରେ ନବନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ମଙ୍ଗଳବାର ରାଜପଥ ଅବରୋଧ କରାଯାଇଛି। କୃଷକଙ୍କୁ ପ୍ରାଇସ୍, ପ୍ରେଷ୍ଟିଜ୍ ଓ ପେନସନ୍ ପ୍ରଦାନ ଦାବିରେ ସଙ୍ଗଠନର କର୍ମୀମାନେ ସରକାର ବିରୋଧୀ ସ୍ଲୋଗାନ ଦେଇଥିଲେ। ପରେ ସେଠାରେ ଲକ୍ଷ୍ମୀନା ପୋଲିସ ପହଞ୍ଚି ଆଲୋଚନା କରିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ସେହିପରି କଟକ ପାରାଦୀପ ରେଳପଥ ମଧ ଅବରୋଧ କରାଯାଇଥିଲା। ସଙ୍ଗଠନର ବ୍ଲକ ସଂଯୋଜକ ବିଷ୍ଣୁ ଚରଣ ସ୍ୱାଇଁଙ୍କ ନେତୃତ୍ୱରେ କୃଷକ ନେତା ନୂତନ ଚନ୍ଦ୍ର ତ୍ରିପାଠୀ, ବିଭୂତି ରଞ୍ଜନ ଜେନା, ପ୍ରମୋଦ କୁମାର ଜେନା, ଜାନକୀ ମହାରଥା, ଭୂତମୁଣ୍ଡାଇର ପୂର୍ବତନ ସରପଞ୍ଚ ଧିରେନ୍ଦ୍ର ଦାସ, ଆରତୀ ଆଚାର୍ଯ୍ୟ, ଧୀର ସାମଲ, ଶ୍ରୀଧର ମାଝୀ, ଦେବେନ୍ଦ୍ର ମହାନ୍ତି ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଥିଲେ। ବନ୍ଦ ସମୟରେ ସେମାନେ ରାସ୍ତାରେ କେବଳ ଭାରିଯାନ ଅଟକାଇଥିଲେ।

## କୃଷକ ସଶକ୍ତୀକରଣ ସଚେତନତା

**ରଘୁନାଥପୁର, ୧୨।୨(ଡି.ଏନ୍.ଏ)**

ରଘୁନାଥପୁର ବ୍ଲକର ୨ଟି ପଞ୍ଚାୟତରେ ମଙ୍ଗଳବାର କୃଷକ ସଶକ୍ତୀକରଣ, ଭତ୍ତା ଓ ବିଦ୍ୟୁତ୍ ସମ୍ବନ୍ଧୀୟ ସମସ୍ୟା ସମ୍ପର୍କରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ରଘୁନାଥପୁର ପଞ୍ଚାୟତରେ ସରପଞ୍ଚ ପ୍ରମୋଦ ଜେନାଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ପଞ୍ଚାନନ ପଟାୟତ, ସିଡିପିଓ ଜ୍ୟୋତ୍ସ୍ନାରାଣୀ ମଲ୍ଲିକ, ଜେଇ ତ୍ରିବିକ୍ରମ ସାମନ୍ତରାୟ, ସେସୁ ଜେଇ ଭବାନୀ ପ୍ରସାଦ ମହାନ୍ତି, ଇଓ କମଳେଶ ଦାଶ ଓ ଏଏଫ୍ଓ ମୀରାରାଣୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ। ଏହି ଅବସରରେ ପଞ୍ଚାୟତର ଶହେ ପରିବାରଙ୍କୁ ୪ଟି ଲେଖାଏ ଏଲ୍‌ଇଡି ବଲ୍‌ବ ଓ ୨୭ଟ ଏସ୍‌ଏଚ୍‌ଜିକୁ ସ୍ମାର୍ଟ ଫୋନ୍ ପାଇଁ ୩ ହଜାର ଟଙ୍କା ଦିଆଯାଇଥିଲା। ସେହିପରି ଏରଡଙ୍ଗା ପଞ୍ଚାୟତ ସରପଞ୍ଚ ଛବିତା ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରଜତ ପାତ୍ର, ରାଜ୍ୟ ବିଜୁ କୃଷକ ମୋର୍ଚ୍ଚାର ସମ୍ପାଦକ ଅନ୍ତର୍ଯ୍ୟାମୀ ରାଉତ, ଜେଇ ସୁଜାତା ନାୟକ, ସିଡ଼ିପିଓ ମଲ୍ଲିକ ଓ ସୁପରଭାଇଜର ସଞ୍ଜୁକ୍ତା ଦାସ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ନୂତନ ଭତ୍ତା, ୫୧ ଜଣ ପୁରୁଣା ଏସ୍‌ଏଚ୍‌ଜିକୁ ସ୍ମାର୍ଟ ଫୋନ୍ ପାଇଁ ୩ ହଜାର ଲେଖାଏ ଟଙ୍କା ଓ ୨୫୦ ପରିବାରକୁ ଏଲ୍‌ଇଡି ବଲ୍‌ବ ଦିଆଯାଇଥିଲା।



ଜଣେ ଭିନ୍ନକ୍ଷମ ବାଳକଙ୍କୁ ଅତିଥି ଭତ୍ତା ପ୍ରଦାନ କରୁଛନ୍ତି।

## ଶାରଳା ମହାଭାରତ ହିଁ ଓଡ଼ିଆ ଜାତିର ବେଦ

**ତିର୍ତ୍ତୋଲ, ୧୨।୨(ଡି.ଏନ.ଏ.)**

ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟ ପରିସରରେ ମଙ୍ଗଳବାର ମାଘସପ୍ତମୀ ଅବସରରେ ଆଦିକବିଙ୍କ ଶ୍ରାଦ୍ଧୋତ୍ସବ ଓ ଓଡ଼ିଆ ସାହିତ୍ୟ ସମାଜର ବାର୍ଷିକୋତ୍ସବ ପାଳିତ ହୋଇଛି। ପ୍ରାତଃରେ କବିଙ୍କ ଉଦ୍ଦେଶ୍ୟରେ ମହାନଦୀ ଘାଟରେ ତିଳ ତର୍ପଣ କରାଯାଇ ସାରଳା ମହାଭାରତ ପାରାୟଣ ଓ ଭଜନ କୀର୍ତ୍ତନ ହୋଇଥିଲା। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ମଦନ ମୋହନ ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ 'ସାରଳା ସାହିତ୍ୟ' ଆଲୋଚନାଚକ୍ରରେ ଅଧାପିକା ଡ. ଶ୍ରୀଜୟା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାରଳା ମହାଭାରତ ହିଁ ଓଡିଆ ଜାତିର ବେଦ ବୋଲି ମତବ୍ୟକ୍ତ କରିଥିଲେ। ପ୍ରାଧାପକ ହିମାଂଶୁ ଶେଖର ଆଚାର୍ଯ୍ୟ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପ୍ରଫେସର ଜ୍ଞାନଜ କୁମାର ସାମନ୍ତରାୟ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ଦେଇଥିଲେ। ଓଡିଆ ସାହିତ୍ୟ ସମାଜର ଉପସଭାପତି ସୁରଞ୍ଜନ ଲେଙ୍କା ବିବରଣୀ ପାଠ କରିଥିଲେ। ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କ ପ୍ରଦତ୍ତ ଛାତ୍ରବୃତ୍ତି, ସ୍ମାରକୀ ପଦକ ଓ ପୁରସ୍କାର ମହାବିଦ୍ୟାଳୟର ବିଭିନ୍ନ ବିଭାଗରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀଛାତ୍ରଙ୍କୁ ପ୍ରଦାନ କରାଯାଇଥିଲା। ମହାବିଦ୍ୟାଳୟର ମୁଖପତ୍ର 'ଦ୍ୱାସୁପର୍ଣ୍ଣା' ଉନ୍ମୋଚିତ ହୋଇଥିଲା। ଅଧାପକ କିଶୋର ନାୟକ, ରଞ୍ଜନ ଦାସ, ଦୀପକ ସିଂହ, ଅରୁଣ ପଣ୍ଡା, ସୁମନ୍ତ ଭୋଇ, ଅଧାପିକା ସାଗରିକା ପୃଷ୍ଟି, ଜ୍ୟୋତିର୍ମୟ ମହାପାତ୍ର, ବିଶ୍ୱଜିତ ନାଥ, ବିରଞ୍ଚି ନାରାୟଣ ମହାପାତ୍ର, ଇଶ୍ୱର ଚନ୍ଦ୍ର ବେହେରା, ଦେବାଶିଷ ଆଚାର୍ଯ୍ୟ ପ୍ରମୁଖ ପରିଚାଳନା କରିଥିଲେ। ଅଧାପକ ଅଶୋକ ରାଉତ ଧନ୍ୟବାଦ ଦେଇଥିଲେ।



ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବରେ ଅତିଥିମାନେ ମୁଖପତ୍ର 'ଦ୍ୱାସୁପର୍ଣ୍ଣା' ଉନ୍ମୋଚନ କରୁଛନ୍ତି।

## ସାରଳା ଦାସଙ୍କ ଅବଦାନ ଅତୁଳନୀୟ

**ତିର୍ତ୍ତୋଲ, ୧୨।୨ (ଡି.ଏନ.ଏ.)**

ତିର୍ତ୍ତୋଲ ବ୍ଲକ ତେନ୍ତୁଳିପଦାସ୍ଥିତ ସାରଳା ଦାସଙ୍କ ସମାଧି ପୀଠ ମୁନି ଗୋସାଇଁ ମଠ ପରିସରରେ ଆଦିକବି ସାରଳା ଦାସଙ୍କ ଶ୍ରାଦ୍ଧୋତ୍ସବ ପାଳିତ ହୋଇଛି। ଆଦିକବି ସାରଳା ଦାସ ସାଂସ୍କୃତିକ ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମ ଉପଲକ୍ଷେ ପ୍ରତିଭା ଚୟନ ପ୍ରତିଯୋଗିତା କରାଯାଇଥିଲା। ଏହାକୁ ଜଗତ୍‌ସିଂହପୁର ଜିଲା ପରିଷଦ ଅଧକ୍ଷା ପ୍ରିୟଦର୍ଶିନୀ ବିଶ୍ୱାଳ ଉଦ୍‌ଘାଟନ କରିଥିଲେ। ବ୍ଲକ ଅଧକ୍ଷା ସୁଜାତା ମହାନ୍ତି ମୁଖ୍ୟଅତିଥି, ଶିକ୍ଷାବିତ୍ ଗୋଲୋକ ବିହାରୀ ପଲାଇ, ସରପଞ୍ଚ ଲକ୍ଷ୍ମୀପ୍ରିୟା ବେହେରା, ପରିଷଦର ଉପଦେଷ୍ଟା ସାହିତ୍ୟିକ ଝଙ୍କଡଶ୍ରୀ କାଳୀପ୍ରସନ୍ନ ପରିଡ଼ା, ପରିଷଦର ସମ୍ପାଦକ ଚିତ୍ତରଞ୍ଜନ ପରିଜା, ସଭାପତି ବିରଜା ପ୍ରସନ୍ନ ପରିଜା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଓଡିଆ ସାହିତ୍ୟକୁ ସାରଳା ଦାସଙ୍କ ଅବଦାନ ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସାରଳା ଦାସଙ୍କ ସାହିତ୍ୟ କୃତୀକୁ ନେଇ ତର୍କ, ପ୍ରବନ୍ଧ ଲିଖନ, ଚିତ୍ରାଙ୍କନ, ନୃତ୍ୟାଭିନୟ ଆଦି ପ୍ରତିଯୋଗିତା କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ସୁରେନ୍ଦ୍ର ସାହୁ, ଦିଗମ୍ବର ରାଉତ, ସୂର୍ଯ୍ୟନାରାୟଣ ପରିଜା, ସମରେନ୍ଦ୍ର ସାହୁ, ଅକ୍ଷୟ କୁମାର ନାୟକ, ଝୁଲରାମ ଦାସ, ପୁଲିନ ପରିଜା ଉପସ୍ଥିତ ରହି ପ୍ରତିଭା ଚୟନ କରିଥିଲେ। ମଧାହ୍ନରେ କବିଙ୍କ ବଂଶଜ ଅଶୋକ କୁମାର ପରିଜା ପିଣ୍ଡଦାନ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ କୃତୀ ପ୍ରତିଭା।

## ପୂର୍ବୋଦୟର ଐତିହାସିକ ପ୍ରତୀକ ଉଦୟବଟ

**ପାରାଦୀପ, ୧୨।୨(ସ୍ୱ.ପ୍ର.)**

କେନ୍ଦ୍ର ସରକାର ଓଡ଼ିଶାରେ ଯେ କୌଣସି ବିକାଶମୂଳକ ଯୋଜନା ସମ୍ପର୍କରେ କହିବାବେଳେ ପୂର୍ବୋଦୟ କଥା କହୁଛନ୍ତି। ଏହା ପୂର୍ବରୁ ଏକାଧିକ ପ୍ରଧାନମନ୍ତ୍ରୀ ଓଡ଼ିଶାର ପୂର୍ବ ଉପକୂଳରେ ଥିବା ପାରାଦୀପ ବିକାଶର ପଥ ବୋଲି କହିଛନ୍ତି। ୧୯୬୨ ଜାନୁୟାରୀ ୩ରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁ ପାରାଦୀପ ବନ୍ଦର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ସେଥିରେ ଏକ ବାର୍ତ୍ତା ଲେଖିଥିଲେ। ତାହା ହେଲା 'ମହାଜାତିର ନିର୍ଦ୍ଦେଶ, ବିରାଟ ଅଭିଯାନ ପଥରେ ଏହା ମୋର ପ୍ରୟାସ'। ଏମିତି କି ମୋରାରଜୀ ଦେଶାଇ, ଇନ୍ଦିରା ଗାନ୍ଧୀ, ଅଟଳ ବିହାରୀ ବାଜପେୟୀ ପ୍ରମୁଖ ପାରାଦୀପକୁ ବିକାଶର ପଥ ବୋଲି କହିଛନ୍ତି। ଏହା ପଛରେ ଏକ ଭୌଗୋଳିକ ସଂଯୋଗ ରହିଥିବା କୁହାଯାଉଛି। ପୂର୍ବତଟରେ ସୂର୍ଯ୍ୟକିରଣ ପଡୁଥିବା ପ୍ରଥମ ସ୍ଥାନ ହେଉଛି ପାରାଦୀପର ଦୋଛକିରେ ଥିବା ଉଦୟବଟ। ଉଦୟସ୍କନ୍ଦ ପୁରାଣ ଅନୁସାରେ ଏଠାରେ ସମୁଦ୍ର ବେଳାଭୂମି ପାର୍ଶ୍ୱରେ ଥିବା ବିଶାଳ ବଟବୃକ୍ଷ ଉପରେ ସୂର୍ଯ୍ୟଙ୍କ ପ୍ରଥମ କିରଣ ପଡୁଥିବାରୁ ଏହାର ନାମ ଉଦୟବଟ ବୋଲି କୁହାଯାଉଛି। ୭ ଏକର ପରିବ୍ୟାପ୍ତ ସେହି ଉଦୟବଟ ସମ୍ପ୍ରତି ଜରାଜୀର୍ଣ୍ଣ ଅବସ୍ଥାରେ ରହିଛି। ଏଠାରେ ମଙ୍ଗଳବାର ପାଳିତ ହୋଇଛି ମାଘସପ୍ତମୀ। ଉଦୟବଟ ଧାମର କଳକୀ ମନ୍ଦିର, ଶୂନ୍ୟ ମଣ୍ଡପ, ତିନିକୋଣିଆ ମନ୍ଦିର, ଜଗନ୍ନାଥ ତତ୍ତ୍ୱକୁ ନେଇ ମାଘସପ୍ତମୀର ଅନେକ ସଂଯୋଗ ଥିବାରୁ ଏଠାରେ ମାଘ ସପ୍ତମୀ ପାଳିତ ହେଉଛି। ଏ ସମ୍ପର୍କରେ କଳକୀ ମନ୍ଦିରର ତତ୍ତ୍ୱାବଧାରକ ବସନ୍ତ କୁମାର ନାୟକ କହିଛନ୍ତି ଯେ, ଏହି ସ୍ଥାନର ଅନେକ ଐତିହାସିକ ମହତ୍ତ୍ୱ ରହିଛି। ସେଠାରେ ସନ୍ଥ ରାଜୀବ ଲୋଚନ ଦାସ ଦୀର୍ଘଦିନ ଧରି ରହିଥିଲେ। ଦେହାନ୍ତ ପରେ ତାଙ୍କ ଉଦ୍ଦେଶ୍ୟରେ ଏକ ତିନିକୋଣିଆ ମନ୍ଦିର ହୋଇଛି। ଜଗନ୍ନାଥଙ୍କ ତତ୍ତ୍ୱ ସହ ଅନେକ ସାମଞ୍ଜସ୍ୟ ଥିବାରୁ ଶୂନ୍ୟ ମଣ୍ଡପରେ ଜଗନ୍ନାଥ ତତ୍ତ୍ୱାଶ୍ରମ ରହିଛି। ପଦ୍ମଫୁଲ ଉପରେ ମନ୍ଦିର ତାହା ମଧ ବିରଳ। ମାଘସପ୍ତମୀରେ କେବଳ ଜଗନ୍ନାଥ ନାମଯଜ୍ଞ ହୁଏ। ପାରାଦୀପ ବନ୍ଦର ହେବାର କାହିଁ କେତେବର୍ଷ ପୂର୍ବରୁ ଉଦୟବଟ ଥିଲା ସମୁଦକୂଳ। ସେଠାରେ ଥିବା ଏକ ବରଗଛର ଆୟୁସ ହଜାର ବର୍ଷରୁ ଅଧିକ। ଉକ୍ତ ଗଛର ମୂଳ କେଉଁଠି ତାହା ଜଣାପଡେନାହିଁ। ସେଠାରେ ପ୍ରାୟ ହଜାର ବର୍ଷରୁ ଊର୍ଦ୍ଧ୍ୱ ହେବ ଏକ କ୍ଷୀରଗଛ ଅଛି। ସେହି ଗଛମୂଳେ ପଦ୍ମମନ୍ଦିର ଓ କଳକୀ ମନ୍ଦିର ରହିଛି। ୧୯୮୮ ମାଘ ସପ୍ତମୀରେ କଳକୀ ସମାବେଶ ହୋଇଥିଲା। ମାଳିକାର ସମସ୍ତ ଦୃଷ୍ଟାନ୍ତ ହେଉଛି ସେହି ଧାମ ବୋଲି ସେ କହୁନ୍ତି। ସେହି ଉଦୟବଟକୁ ଏବେ ପୂର୍ବୋଦୟ କୁହାଯାଉଛି। କିନ୍ତୁ ଏହାର ପୁନରୁଦ୍ଧାର ପାଇଁ କେହି ଆନ୍ତରିକତା ଦେଖାଉନାହାନ୍ତି। ଶିଳ୍ପ ଜନିତ ପ୍ରଦୂଷଣରେ ଏହାର ପରିବେଶ ନଷ୍ଟ ହୋଇଗଲାଣି। ତେବେ ଏଠାରେ ମାଘ ସପ୍ତମୀ ସ୍ୱତନ୍ତ୍ର ଓ ଭିନ୍ନ ବୋଲି କୁହନ୍ତି ଆଶ୍ରମର ଅନ୍ୟତମ ଉଦ୍ୟୋକ୍ତା ନରହରି ପରିଡ଼ା।



ପାରାଦୀପରେ ଥିବା ଉଦୟବଟ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ବୁଧବାର, ଫେବୃୟାରୀ ୧୩/୨୦୧୯ Bhubaneswar, Wednesday, February 13/ 2019

## ସଂକ୍ଷେପରେ

### ଜମି ବିବାଦକୁ କେନ୍ଦ୍ରକରି ମାରପିଟ୍: ୬ ଆହତ

**ଧର୍ମଶାଳା,୧୨।୨(ଡି.ଏନ୍.ଏ.):** ଧର୍ମଶାଳା ଥାନା ଦେଓଦା ପଞ୍ଚାୟତ ଚଇନିହୁଡା ଗ୍ରାମରେ ଜମି ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ଦୁଇ ପରିବାର ମଧରେ ମାରପିଟ ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ରତ୍ନାକର ନାୟକ, ଦେବକୀ ନାୟକ, ଦିବାକର ନାୟକ, ପ୍ରଦୀପ ନାୟକ, ପୀତାମ୍ବର ନାୟକ ଓ ବିକ୍ରମ ନାୟକ ଆହତ ହୋଇଥିଲେ। ରତ୍ନାକରଙ୍କ ଅବସ୍ଥା ଅଧିକ ଗୁରୁତର ଥିବା ଜଣାପଡିଛି। ଗ୍ରାମବାସୀ ସେମାନଙ୍କୁ ଉଦ୍ଧାର କରି ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଏ ନେଇ ଉଭୟ ପରିବାର ଥାନାର ଦ୍ୱାରସ୍ଥ ହୋଇଥିବାବେଳେ ଖବର ଲେଖାହେବା ପର୍ଯ୍ୟନ୍ତ ମାମଲା ରୁଜୁ ହୋଇ ନ ଥିବା ଜଣାପଡିଛି । ଘଟଣାରୁ ପ୍ରକାଶ ଯେ, ଦୀର୍ଘବର୍ଷ ହେବ ଚଇନିହୁଡା ଗ୍ରାମର ରତ୍ନାକର ନାୟକ ଓ ପୀତାମ୍ବର ନାୟକଙ୍କ ପରିବାର ମଧରେ ଜମିଜିମା ବିବାଦ ଲାଗିରହିଛି। ଉକ୍ତ ଜମିକୁ ନେଇ କୋର୍ଟରେ ବିଚାରଧୀନ ଥିବା ବେଳେ ଗୋଟିଏ ପକ୍ଷ ଉକ୍ତ ବିବାଦୀୟ ଜମି ଉପରେ କାମ ଆରମ୍ଭ କରିଥିଲେ। ଏହାକୁ ଅପରପକ୍ଷ ବିରୋଧ କରିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ସୁକିନ୍ଦା, ୧୨।୨(ଡି.ଏନ୍.ଏ.):** ସୁକିନ୍ଦା ବ୍ଲକ ମୁଳଖିନ୍ଧ ଗ୍ରାମର ମା' ମଙ୍ଗଳାଙ୍କ ପୀଠରେ ୧୯ତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ମଙ୍ଗଳବାର ଆରମ୍ଭ ହୋଇଯାଇଛି। ୩ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି କମିଟି ପକ୍ଷରୁ ସୂଚନା ଦିଆଯାଇଛି। ଏହି ଅବସରରେ ନିଜପରିବାରର ମଙ୍ଗଳ କାମନା ଲାଗି ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଛି। ମଦନମହନ ପାତ୍ର, ପଞ୍ଚାନନ ପାତ୍ର, ଗୋପାଳପାତ୍ର, ନିରଞ୍ଜନ ନାୟକ, ନଣ୍ଡା ନାୟକଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମରେ ସହଯୋଗ କରିଛନ୍ତି ।

ବହୁ ଚର୍ଚ୍ଚିତ ଡଙ୍କାରୀରେ ବେଆଇନ ଖନନ ମାମଲା

# ଏନ୍‌ଜିଟି ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟପାଳଙ୍କ ଦ୍ୱାରସ୍ଥ

**ଯାଜପୁର ଅଫିସ,୧୨।୨**

ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ଡଙ୍କାରୀ ପାହାଡ଼ରେ ବେଆଇନ ଉତ୍ତୋଳନକୁ ନେଇ ଜାତୀୟ ଗ୍ରୀନ ଟ୍ରିବ୍ୟୁନାଲ(ଏନ୍‌ଜିଟି) ଦେଇଥିବା ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବାକୁ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ସାମାଜିକ କର୍ମୀ ସର୍ବେଶ୍ୱର ବେହୁରା ମଙ୍ଗଳବାର ରାଜ୍ୟପାଳଙ୍କୁ ଭେଟି ଏନ୍‌ଜିଟିର ନିର୍ଦ୍ଦେଶ କାଗଜପତ୍ର ସହ ଏକ ୩ପୃଷ୍ଠା ବିଶିଷ୍ଟ ନିବେଦନ ପତ୍ର ପ୍ରଦାନ କରିଛନ୍ତି। ଏହାପରେ ରାଜ୍ୟପାଳ ଗଣେଶୀ ଲାଲ ଯାଜପୁର ଜିଲାପାଳଙ୍କୁ ଏନେଇ କଡ଼ା ତାଗିଦ କରିଥିବା ସୂଚନା ମିଳିଛି।

ସାମାଜିକ କର୍ମୀ ବେହୁରା ତାଙ୍କ ନିବେଦନ ପତ୍ରରେ ଦର୍ଶାଇଛନ୍ତି ଯେ, ପ୍ରାୟ ୬ ହଜାର ଏକର ବିଶିଷ୍ଟ ଡଙ୍କାରୀ ପର୍ବତରେ ଘନ ଜଙ୍ଗଲ ସହ ବହୁ ଔଷଧ ବୃକ୍ଷ ରହିଛି। ଏହାସହ ଲଘୁ ଖଣିଜ ପଦାର୍ଥ କଳପଥରରେ ଡଙ୍କାରୀ ଭରପୁର। କିନ୍ତୁ ପଥର ବ୍ୟବସାୟୀମାନେ ପରିବେଶ ଓ ଜଙ୍ଗଲ ଅନୁମତି ନ ନେଇ କଳାପଥର ଉତ୍ତୋଳନ କରୁଛନ୍ତି। ଏଥିରେ ବେଆଇନ ୱାଗନ ବ୍ଲାଷ୍ଟିଂ ବ୍ୟବହାର କରାଯାଉଛି। ଏଥିଯୋଗୁ କମ୍ପନ ସୃଷ୍ଟି ହୋଇ ଆଖପାଖ ଗ୍ରାମର ଘରଗୁଡିକରେ ଫାଟ ସୃଷ୍ଟି ହେବା



ସହ ପାହାଡ଼ପର୍ବତ ହ୍ରାସ ହେବାରେ ଲାଗିଛି। ଧର୍ମଶାଳା ତହସିଲଦାର ଏନେଇ ଥରେ ମାତ୍ର ଅନୁଦେଶ ଦେଇ ପରବର୍ତ୍ତି ସମୟରେ କୌଣସି ଫଳପ୍ରଦ ପଦକ୍ଷେପ ଗ୍ରହଣ କରୁ ନାହାନ୍ତି। ଫଳରେ ବେଆଇନ ଖାଦାନ, ଷ୍ଟୋନ କ୍ରଶର, ୱାଗନ ଡ୍ରିଲିଂ ଆଦି ବନ୍ଦ ହେବାର ନାଁ ଧରୁନାହିଁ। ଏନେଇ ସାମାଜିକ କର୍ମୀ ବେହୁରା ଏନଜିଟିରେ ମାମଲା(ନମ୍ବର ୬୦୪/୨୦୧୮) ରୁଜୁ କରିବା ପରେ ଏନଜିଟି ଶୁଣାଣି କରିଛି। ଏକ ସ୍ୱତନ୍ତ୍ର ଏଜେନ୍ସିକୁ ଡଙ୍କାରୀରେ ବେଆଇନ ଖନନ ଉପରେ ତଦନ୍ତ କରି ୧ ସପ୍ତାହ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଗତ ୭।୧୨।୨୦୧୮ ତାରିଖ ସୁଦ୍ଧା ତଦନ୍ତକାରୀ ଦଳ ଏନଜିଟିରେ ରିପୋର୍ଟ ଦାଖଲ କରିଥିଲେ। ତଦନ୍ତ ରିପୋର୍ଟ ଆଧାରରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କୁ ଏହି ବେଆଇନ କାର୍ଯ୍ୟରେ ଲିପ୍ତ ସଂପୃକ୍ତ ଅଧିକାରୀମାନଙ୍କ ବିରୋଧରେ ବିଭାଗୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଗତ ୪।୧।୨୦୧୯ ତାରିଖରେ ଏନଜିଟି ନିର୍ଦ୍ଦେଶ ଦେଇଥିଲେ। ଏହାସହ ରାଜ୍ୟ ସରକାରଙ୍କୁ ମଧ୍ୟବର୍ତ୍ତୀକାଳୀନ କ୍ଷତିପୂରଣ ଭାବେ ୧ମାସ ମଧ୍ୟରେ ୨୫କୋଟି ଟଙ୍କା ଜମା କରିବାକୁ ନିର୍ଦ୍ଦେଶରେ ଉଲ୍ଲେଖ ରହିଥିଲା। ଏହି ଅର୍ଥ ପରିବେଶ ସୁରକ୍ଷା, ଲଘୁ ଖଣିଜ ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ହିତରେ ଖର୍ଚ୍ଚ ହେବ। ବେଆଇନ ଖାଦାନ ଯୋଗୁ ରୋଗାଗ୍ରସ୍ତ ହୋଇଥିବା ଲୋକଙ୍କ ପାଇଁ ଏହି ଅର୍ଥ ଖର୍ଚ୍ଚ କରାଯାଇ ପାରିବ। ସିପିସିବି ପ୍ରତିନିଧି, ଧାନବାଦ ଇଣ୍ଡିଆନ ସ୍କୁଲ ଅଫ ମାଇନ୍ସ, ଡେହେରାଡୁନ ଫରେଷ୍ଟ ରିସର୍ଚ୍ଚ ଇନଷ୍ଟିଚ୍ୟୁଟ ଏବଂ ଷ୍ଟେଟ ଏନ୍‌ଭାଇରନମେଣ୍ଟ ଇମ୍ପାକ୍ଟ ଆସେସମେଣ୍ଟ କମିଟି(ସିଆ)ର ଅଧ୍ୟକ୍ଷଙ୍କୁ ନେଇ ଗଠିତ ଏକ କମିଟି କ୍ଷତିପୂରଣ ଅର୍ଥକୁ କେଉଁ ବାଟରେ ଖର୍ଚ୍ଚ ହେବ ସେ ନେଇ ନୀତି ନିର୍ଦ୍ଧାରଣ କରିବେ ବୋଲି ଏନଜିଟି ରାୟରେ ଉଲ୍ଲେଖ କରିଥିଲେ। କିନ୍ତୁ ସମସ୍ତ ନିର୍ଦ୍ଦେଶକୁ ଅନୁପାଳନ କରିବାରେ ରାଜ୍ୟ ସରକାର ନୀରବ ରହିଛନ୍ତି। ଏଣୁ ଏନ୍‌ଜିଟି ନିର୍ଦ୍ଦେଶକୁ ପାଳନ କରିବାକୁ ସାମାଜିକ କର୍ମୀ ବେହୁରା ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଅନ୍ୟପକ୍ଷେ ରାଜ୍ୟ ସରକାର ଗତ ୪ ତାରିଖରେ ଏନ୍‌ଜିଟି ରାୟରୁ କିଭଳି ମୁକୁଳାଯାଇ ପାରିବ ସେ ନେଇ ତର୍ଜମା କରିବା ସହିତ ଭିଡିଓ କନ୍‌ଫରେନ୍ସିରେ ପକ୍ଷ ରଖିବାକୁ ନିଷ୍ପତ୍ତି ହୋଇଥିଲା। ଏହାସହ ରାଜ୍ୟ ସରକାରଙ୍କୁ ପୂର୍ବରୁ କୌଣସି ସୂଚନା ନ ଦେଇ ୨୫ କୋଟି ଟଙ୍କା କ୍ଷତିପୂରଣ ବାବଦକୁ ଅର୍ଥ ଦାଖଲ କରିବା ସମିଚୀନ ନୁହେଁ ବୋଲି କନଫରେନ୍ସିରେ ମତପ୍ରକାଶ ପାଇଥିଲା। ତେବେ ଏନ୍‌ଜିଟି ନିର୍ଦ୍ଦେଶକୁ ୧ମାସ ବିତିଯାଇଥିଲେ ସୁଦ୍ଧା ରାଜ୍ୟ ସରକାର କୌଣସି ପଦକ୍ଷେପ ନ ନେବା ଦୁର୍ଭାଗ୍ୟଜନକ ବୋଲି ବେହୁରା ମତପ୍ରକାଶ କରିଛନ୍ତି।

# ୧୨୭ ନଂ. ଖାତାଧାରୀଙ୍କ ଠାରୁ ହେଉନି ଖଜଣା ଆଦାୟ

**ଡୁବୁରୀ,୧୨।୨(ଡି.ଏନ୍.ଏ.)**

ସୁକିନ୍ଦା ତହସିଲ ଡୁବୁରୀ ରାଜସ୍ୱ ସର୍କଲ ଅଧୀନ ଡୁବୁରୀ ମୌଜାର ୧୨୭ ନମ୍ବର ଖାତା ଅନ୍ତର୍ଭୁକ୍ତ ଚାଷୀଙ୍କଠାରୁ ଖଜଣା ଆଦୟ କରାଯାଉ ନାହିଁ। ଫଳରେ ପଟାଧାରୀ ଚାଷୀ ପାଉତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ବୁଧବାର ସମ୍ପୃକ୍ତ ଖାତାଭୁକ୍ତ ଚାଷୀ ଏ ବାବଦରେ ଯାଜପୁର ଜିଲାପାଳଙ୍କ ସମେତ ବିଭିନ୍ନ ପଦାଧିକାରୀଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଆଗାମୀ ଏକ ସପ୍ତାହ ମଧରେ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ଡୁବୁରୀ ରାଜସ୍ୱ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଦେବାକୁ କୈଳାସ ଚନ୍ଦ୍ର ମହାନ୍ତ, ଅଜୟ କୁମାର ଜେନ, ରବିନାରାୟଣ ରାଉତ, ଭାଗୀରଥି ମହାନ୍ତ, ନୃସିଂହ ମହାନ୍ତ, ସୁଲୋଚନା ମହାନ୍ତ, ରମେଶ ମହାନ୍ତ, ଉମେଶ ଚନ୍ଦ୍ର ମହାନ୍ତ, ମଙ୍ଗଳ ମହାନ୍ତ ପ୍ରମୁଖଙ୍କ ସମେତ ଶତାଧିକ ଚାଷୀ ଚେତାବନୀ ଦେଇଛନ୍ତି।

ପ୍ରକାଶ ଯେ, ଡୁବୁରୀ ମୌଜାର ୧୨୭ ନମ୍ବର ଖାତାରେ ଶତାଧିକ ଚାଷୀ ଦୀର୍ଘବର୍ଷ ହେବ ଡୁବୁରୀ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟରେ ଖଜଣାଦେଇ ପାଉତି କାଟି ଆସୁଛନ୍ତି। ଚଳିତ ବର୍ଷ ମଧ ରଙ୍ଗାହୁଡି, ବାଘରାସାହି, ଧମଣାଗଡ଼ିଆ ଓ ଡୁବୁରୀ ଅଞ୍ଚଳର ବହୁ ଚାଷୀ ଖଜଣାଦେଇ ପାଉତି କାଟିଛନ୍ତି। ମାତ୍ର କିଛିଦିନ ହେବ ତହସିଲ କର୍ତ୍ତୃପକ୍ଷ ଏହାକୁ ବନ୍ଦ କରିଦେଇଛନ୍ତି। ଫଳରେ ଚାଷୀ ପାଉତି ପାଇବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ଡୁବୁରୀ ରାଜସ୍ୱ ନିରୀକ୍ଷକଙ୍କୁ ପଚାରିବାରୁ ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଥିବାରୁ ୧୨୭ ଖାତାର ଚାଷୀଙ୍କୁ ପାଉତି ଦିଆଯାଉ ନ ଥିବା କହିଛନ୍ତି। ସୁକିନ୍ଦା ତହସିଲଦାର ଦାୟିତ୍ୱରେ ଥିବା ଦାନଗଦୀ ତହସିଲଦାର ବୁଲବୁଲ ବେହେରାଙ୍କୁ ପଚାରିବାରୁ କାଳିଆ ଯୋଜନାବେଳେ ସମ୍ପୃକ୍ତ ଖାତାର ଚାଷୀଙ୍କ ପାଉତି କଟାଯାଇଥିଲା। ତେବେ ସେ ବର୍ତ୍ତମାନ ଅତିରିକ୍ତ ଦାୟିତ୍ୱରେ ଥିବାରୁ ତାଙ୍କ ନିକଟରେ ଅଧିକ ତଥ୍ୟ ନ ଥିବା ବୁଲବୁଲ କହିଛନ୍ତି । ଆଡିସନାଲ ତହସିଲଦାରଙ୍କ ମତାମତ ମିଳିପାରି ନାହିଁ ।

■ ଜିଲା ପରିଷଦ ପାଣ୍ଠି ହଡ଼ପ ଯୋଜନା

# ଘରବାଡ଼ି ଜମିରେ ଢଳେଇ ରାସ୍ତା ନିର୍ମାଣ ଅଭିଯୋଗ

**ରସୁଲପୁର,୧୨।୨(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ଭୋଟକା ପଞ୍ଚାୟତରେ ୩୩ନଂ ଜିଲାପରିଷଦ ହାତପାଣ୍ଠି ହଡ଼ପ କରିବାକୁ ଯୋଜନା ଚାଲିଛି। ଜିଲାପରିଷଦ ସଭ୍ୟା ନିଜ ଘରବାଡ଼ି ଜମି ଉପରେ ଢଳେଇ ରାସ୍ତା ନିର୍ମାଣ ପରେ ବିଲ୍ କରିବାକୁ ମସୁଧା ଚଳାଇଥିବା ଜଣାପଡ଼ିଛି। ଏସମ୍ପର୍କରେ ଶୁକ୍ରବାର ରସୁଲପୁର ବିଡିଓ ଉମାକାନ୍ତ ପରିଡାଙ୍କ ନିକଟରେ ଏକ ଅଭିଯୋଗ ହୋଇଛି। ବିଡିଓ ପରିଡା ଉକ୍ତ ଅଭିଯାଗ ଆଧାରରେ ତଦନ୍ତ କରିବା ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ ନମିତା ହାଁସାଦାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ପ୍ରକାଶଥାଉ କି ଜିଲାପରିଷଦ ସଦସ୍ୟା ନିଜ ଘର ସମ୍ମୁଖକୁ ଯେଉଁ ଢଳେଇ ରାସ୍ତା ନିର୍ମାଣ କରିଛନ୍ତି ତାହା ପଞ୍ଚାୟତ ପ୍ରକଳ୍ପ ତାଲିକାରେ ସ୍ଥାନିତ ହୋଇଛି। ମାତ୍ର ଉକ୍ତ ରାସ୍ତା ନିର୍ମାଣ ପୂର୍ବରୁ ଫାଇଲ ଖୋଲାଯାଇ ନାହିଁ । ଜମିଜମା ସମ୍ପର୍କିତ ପ୍ରମାଣପତ୍ର ସମସ୍ୟା ଥିବାରୁ ଉକ୍ତ ରାସ୍ତାକୁ ଆଗୁଆ ନିର୍ମାଣ କରାଯାଇଛି। ନିର୍ମାଣ ସମୟରେ ବିରୋଧ ନ ହେଲେ ପରେ କାଗଜପତ୍ର ଯୋଗାଡ଼ କରି ଫାଇଲରେ ସଂଯୁକ୍ତ କରି ବିଲ୍ କରିଦିଆଯିବ ବୋଲି ମସୁଧା କରାଯାଉଛି। ଏପରି କି ନିର୍ମାଣ ସ୍ଥଳରେ ସୂଚନା ଫଳକ ଲଗା ନ ଯାଇ ଜନସାଧାରଣଙ୍କୁ ଅନ୍ଧକାରରେ ରଖାଯାଇଛି। ଏଭଳି ଏକ ଦୁର୍ନୀତି କାର୍ଯ୍ୟକୁ ଜନସାଧାରଣ ବିରୋଧ କରିଛନ୍ତି। କ୍ଷେତ୍ର ପରିଦର୍ଶନକରି ଏଠାରେ ହୋଇଥିବା ବେଆଇନ କାର୍ଯ୍ୟକୁ ବନ୍ଦ କରିବା ସହ ବିଲ୍ ନ କରାଇବା ପାଇଁ ବିଡିଓଙ୍କୁ ଅନୁରୋଧ କରିଛନ୍ତି। ବିଡିଓ ପରିଡା ଉକ୍ତ କାର୍ଯ୍ୟ ସମ୍ପର୍କରେ ତଦନ୍ତ କରାଯାଇ ରିପୋର୍ଟ ପ୍ରଦାନ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ରିପୋର୍ଟ ଆସିବା ପରେ ଯାହାକିଛି ପଦକ୍ଷେପ ନିଆଯିବ ବୋଲି ବିଡିଓ ପ୍ରକାଶ କରିଛନ୍ତି।

# ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ଦାବିରେ ଆନ୍ଦୋଳନ ଚେତାବନୀ

**କାଳିଆପାଣି,୧୨।୨(ଡି.ଏନ୍.ଏ.)**

କ୍ରୋମାଇଟ ପରିବହନ କ୍ଷେତ୍ରରେ ଖଣି ଅଞ୍ଚଳରେ ଉଚ୍ଚନ୍ୟାୟାଳୟର ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ନିର୍ଦ୍ଦେଶକୁ ବେଖାତିର କରାଯାଉଛି। ଅପରପକ୍ଷେ ଟ୍ରକ୍ ଲୋଡ଼ିଂ ପାଇଁ ଖଣି ଅଞ୍ଚଳରେ ଥିବା ୩ଟି ଜୋନ୍‌ରେ ଦୁଧୁଜୁରୀ ଅଞ୍ଚଳରୁ ଆସୁଥିବା ଟ୍ରକ୍‌ଗୁଡିକୁ ସାମିଲ କରାଯାଉ ନାହିଁ। ଫଳରେ ବହୁ ଟ୍ରକ୍ ମାଲିକ ଲୋଡ଼ିଂ ପାଇ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ସୋମବାର କୁହିକାସ୍ଥିତ ଖଣି ଅଞ୍ଚଳ ଟ୍ରକ୍ ମାଲିକ ସଂଘ କାର୍ଯ୍ୟାଳୟରେ ଦୁଧୁଜୁରୀ ଟ୍ରକ୍ ମାଲିକ ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆଗାମୀ ଦିନରେ ପ୍ରତିକାର କରା ନ ଗଲେ ସମସ୍ତ ଖଣି ଫାଟକ ସମ୍ମୁଖରେ ଆନ୍ଦୋଳନ କରିବା ନେଇ ସମ୍ପାଦକ ମନୋଜ ନାୟକ ଚେତାବନୀ ଦେଇଛନ୍ତି। ଖଣି ଅଞ୍ଚଳରେ କ୍ରୋମାଇଟ ପରିବହନରେ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ପାଇଁ ଉଚ୍ଚ ନ୍ୟାୟାଳୟର ନିର୍ଦ୍ଦେଶକୁ ଜିଲା ପ୍ରଶାସନ ପକ୍ଷରୁ କଡାକଡି ପାଳନ କରାଯାଉ ନାହିଁ। ଏହାର ସୁଯୋଗରେ କେତେଜଣ ଟ୍ରକ୍ ମାଲିକ ନିଜ ଇଚ୍ଛାମୁତବାକ ଲୋଡିଂ କରୁଛନ୍ତି। ଫଳରେ ବହୁ ଟ୍ରକ୍ ମାଲିକ ଲୋଡିଂ ପାଇଁ ଘଣ୍ଟାଘଣ୍ଟା ଲାଇନରେ ଛିଡା ହୋଇ ମଧ ଗାଡି ଲୋଡିଂ କରି ପାରୁ ନ ଥିବା ଅଭିଯୋଗ କରିଛନ୍ତି। ୨୦୦୯ରେ ହାଇକୋର୍ଟ ଫାଷ୍ଟ କମ୍ ଫାଷ୍ଟ ଲୋଡିଂ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ପାଇଁ ଜିଲା ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ଜିଲା ପ୍ରଶାସନ ଏହି ନିୟମକୁ ୬ ଚକିଆ ଟ୍ରକ୍ ଲୋଡିଂ କ୍ଷେତ୍ରରେ ଲାଗୁ କରିଦେଇ କର୍ତ୍ତବ୍ୟ ଶେଷ କରିଦେଇଥିଲେ। କିନ୍ତୁ ଖଣି ଅଞ୍ଚଳରେ ରାଜ୍ୟ ଓ ରାଜ୍ୟ ବାହାରକୁ ପରିବହନ ଅଧିକ ହେଉଛି। ଫଳରେ ସ୍ଥାନୀୟ ଟ୍ରକ୍ ମାଲିକମାନେ ମାସରେ ମାତ୍ର ୧ ରୁ ୨ ଟ୍ରିପ୍ ପରିବହନ ପାଇଁ ସୁବିଧା ମିଳିଥିବା କହିଛନ୍ତି। ଅପରପକ୍ଷେ ପରିବହନ ଲୋଡ଼ିଂ ପାଇଁ ଆସୁଥିବା ଟ୍ରକ୍‌ଗୁଡିକୁ ଖଣି ଅଞ୍ଚଳରେ ରହିଥିବା ୩ ଜୋନ୍ ସୁକିନ୍ଦା, ଡୁବୁରୀ, ଖଣି ଅଞ୍ଚଳ ଜୋନ୍‌ର ନିର୍ଦ୍ଧାରିତ ଟାରଗେଟରେ ବଣ୍ଟନ କରାଯାଇଛି। କିନ୍ତୁ ଏହି ୩ ଜୋନ୍‌ରେ ଦୁଧୁଜୁରୀ ପଞ୍ଚାୟତର ଗାଡିଗୁଡ଼ିକ ଯାଇ ପାରୁ ନ ଥିବା ଟ୍ରକ୍ ମାଲିକମାନେ ଅଭିଯୋଗ କରିଛନ୍ତି। ଏନେଇ କାଳିଆପାଣି ଥାନା ଅଧିକାରୀ ଯୁବରାଜ ସ୍ୱାଇଁଙ୍କୁ ପଚାରିବାରୁ ଏ ବାବଦରେ କୌଣସି ଅଭିଯୋଗ ହୋଇ ନାହିଁ। ତେବେ ଅଭିଯୋଗ ଆସିବା ପରେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।




Powered by Volkswagen Financial Services
Exchange through Das WeltAuto. Pre-owned cars you can trust. Guaranteed.

24x7 Roadside Assistance*** | Safer cars for India

**ସର୍ତ୍ତ ଓ ନିୟମାବଳୀ ଲାଗୁ । ଅଫର୍ କେବଳ 2018 ରେ ବିନିର୍ମିତ କାର୍ ଉପରେ । *କେବଳ 1,000 କି.ମି., 7,500 କି.ମି. ଏବଂ 15,000 କି.ମି. ସର୍ଭିସ୍ ଲେବର୍ ଚାର୍ଜେସ୍ ଫ୍ରୀ । ପ୍ରଦର୍ଶିତ ଫଟର୍ସ ଓ ଆକ୍ସେସରିଜ୍ ଷ୍ଟାଣ୍ଡାର୍ଡ଼ ଉପକରଣର ଅଂଶ ହୋଇପାରେ ଏବଂ ପ୍ରାକ୍ ବିଜ୍ଞପ୍ତି ବିନା ପରିବର୍ତ୍ତନ ଅଧୀନ ଅଟେ । ***ରୋଡ଼ସାଇଡ୍ ସହାୟତା କେବଳ ଆବଦ୍ଧ ସୀମା ମଧରେ । ଅଧିକ ସୂଚନା ପାଇଁ, ଦୟାକରି ଆମର ଫୋକ୍ସୱେଗନ୍ ପ୍ରାଧିକୃତ ଡିଲରଶିପ୍‌କୁ ଯାଆନ୍ତୁ ବା ଲଗ୍ ଅନ୍ କରନ୍ତୁ www.volkswagen.co.in.

**Authorised Dealers: Volkswagen Bhubaneswar:** Bharat Motors Ltd., S61, Mancheshwar Industrial Estate, Bhubaneshwar-752101 • Mobile: 8599011626/8599011591.



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### ଶ୍ରୀମନ୍ଦିରରେ ପକେଟ୍‌ମାର, ଜଣେ ଗିରଫ

**ପୁରୀ ଅଫିସ,୧୨।୨:** ଶ୍ରୀମନ୍ଦିରରେ ଭକ୍ତଙ୍କ ପକେଟ୍‌ମାର କରିବା ଅଭିଯୋଗରେ ସିଂହଦ୍ୱାର ପୋଲିସ ଜଣକୁ ଗିରଫ କରିଛି। ସେ ହେଲେ ଛପନ ଛକର ମହାବୀର ସାହୁ। ମଙ୍ଗଳବାର ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ୍ ପଠାଇ ଦିଆଯାଇଥିବା ଆଇଆଇସି ଶ୍ରବଣ କୁମାର ମହାରଣା କହିଛନ୍ତି। ଆଇଆଇସିଙ୍କ ସୂଚନା ମୁତାବକ, ସୋମବାର କଟକ ବାଙ୍କୀ ଅଞ୍ଚଳର ମାନସ କୁମାର ମହାପାତ୍ର ତାଙ୍କ ସାଙ୍ଗଙ୍କ ସହିତ ଶ୍ରୀମନ୍ଦିରକୁ ଆସିଥିଲେ। ଦର୍ଶନ କରୁଥିବା ବେଳେ ତାଙ୍କ ପକେଟରୁ କେହି ପର୍ସ ନେଇଯିବାରୁ ସେ ପାଟି କରିଥିଲେ। ସାଦା ପୋଷାକରେ ଥିବା ପୋଲିସ ମହାବୀର ପକେଟରେ ପର୍ସ ପୂରାଉଥିବା ଦେଖି ତାଙ୍କୁ ଧରିଥିଲେ। ଥାନାକୁ ଅଣାଯାଇ ଯାଞ୍ଚ କରାଯିବା ପରେ ତାଙ୍କଠାରୁ ମାନସଙ୍କ ପର୍ସ ମିଳିଥିଲା। ସେଥିରେ ଏଟିଏମ୍ କାର୍ଡ, ପ୍ୟାନ୍ କାର୍ଡ ଏବଂ ୧୯୩୫ ଟଙ୍କା ଥିଲା। ଏ ସଂକ୍ରାନ୍ତରେ କେସ୍ ନଂ.୫/୧୯ରେ ଏକ ମାମଲା ରୁଜୁ କରାଯାଇଥିଲା। ପୂର୍ବରୁ ମହାବୀରଙ୍କ ନାମରେ ୩ଟି ମାମଲା ରହିଥିବା ଆଇଆଇସି ମହାରଣା ସୂଚନା ଦେଇଛନ୍ତି।

### ମଙ୍ଗଳଦୀପ ଗ୍ରୀନ୍ ଟେମ୍ପଲ ଅଗରବତି

୧୯ରେ ପ୍ରକଳ୍ପ ରୂପରେଖ ବୈଠକ

**ପୁରୀ ଅଫିସ,୧୨।୨:** ଶ୍ରୀମନ୍ଦିରର ଆୟ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଛି ମନ୍ଦିର ପ୍ରଶାସନ। ଏହି ଆୟ ବୃଦ୍ଧି ପାଇଁ ମଙ୍ଗଳଦୀପ ଗ୍ରୀନ୍ ଟେମ୍ପଲ ଅଗରବତି ପ୍ରକଳ୍ପ କରାଯିବା ଲାଗି ଗତ ପରିଚାଳନା କମିଟି ବୈଠକରେ ଆଲୋଚନା ହୋଇଥିଲା। ଏହାର ରୂପରେଖ ନେଇ ଆସନ୍ତା ୧୯ ତାରିଖରେ ଏକ ବୈଠକ ଅନୁଷ୍ଠିତ ହେବ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କ ପ୍ରକୋଷ୍ଠରେ ପୂର୍ବାହ୍ନ ୧୧ଟାରେ ଏହି ବୈଠକ ହେବାକୁ ସ୍ଥିର କରାଯାଇଛି। ଗତ ୨୯ ତାରିଖରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକ ଶେଷରେ ଏ ସମ୍ପର୍କରେ ସୂଚନା ଦେଇ ମୁଖ୍ୟ ପ୍ରଶାସକ ପ୍ରଦୀପ୍ତ ମହାପାତ୍ର କହିଥିଲେ, ଆଇଟିସି କମ୍ପାନୀ ଦ୍ୱାରା ପ୍ରସ୍ତୁତ ଅଗରବତିରେ ଶ୍ରୀଜଗନ୍ନାଥ ମନ୍ଦିର, ପୁରୀ ଦ୍ୱାରା ସ୍ୱୀକୃତିପ୍ରାପ୍ତ ବୋଲି ଉଲ୍ଲେଖ କରିବା ପାଇଁ ପ୍ରସ୍ତାବ ଦେଇଛନ୍ତି। ସେମାନେ ଯେତେ ପ୍ୟାକେଟ ବିକ୍ରି କରିବେ ସେତେ ଟଙ୍କାଟିଏ ଶ୍ରୀମନ୍ଦିରକୁ ପ୍ରଦାନ କରିବେ। କିନ୍ତୁ ଏହାର ଉତ୍ପାଦନରେ ଯେପରି ପବିତ୍ରତା ରହିବ ତାହାକୁ ଧ୍ୟାନରେ ରଖି ପରୀକ୍ଷାମୂଳକ ଭାବେ ଉକ୍ତ କମ୍ପାନୀ ସହିତ ଚୁକ୍ତିନାମା କରାଯିବ। କୌଣସି ଭକ୍ତଙ୍କ ଭାବାବେଗକୁ ଯେପରି ଏହା ଆଘାତ ନ ଦିଏ ସେଥିପ୍ରତି ଧ୍ୟାନ ଦିଆଯିବ ବୋଲି କହିଥିଲେ।

### ବିଶ୍ୱଶାନ୍ତି ମହାଯଜ୍ଞ

**ଦଶପଲ୍ଲା,୧୨।୨(ଡି.ଏନ.ଏ.):** ଦଶପଲ୍ଲା ଦୁର୍ଗାବଜାର କଲୋନୀ ନିକଟ କୈବଲ୍ୟଗିରୀ ମଠରେ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି । ତିନିଦିନ ବ୍ୟାପୀ ଉକ୍ତ ମଠରେ ହୋମଯଜ୍ଞ ପ୍ରଭୃତି କରାଯାଇଥିଲା। ମଙ୍ଗଳବାର ସନ୍ଧ୍ୟାରେ ପୂର୍ଣ୍ଣାହୁତି ହୋଇଥିଲା। କାର୍ଯ୍ୟକ୍ରମରେ ଦୁର୍ଗାବଜାର କଲୋନୀ ସମେତ ଆଖପାଖ ଅଞ୍ଚଳର ବହୁ ଲୋକଙ୍କ ସମାଗମ ହୋଇଥିଲା। ସ୍ଥାନୀୟ ଗ୍ରାମବାସୀ ଏବଂ ଶ୍ରଦ୍ଧାଳୁମାନେ ଯଜ୍ଞରେ ବିଶେଷ ସହଯୋଗ କରିଥିଲେ। ପୂର୍ଣ୍ଣାହୁତି ପରେ ଶ୍ରଦ୍ଧାଳୁଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା।

## ■ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା

# ନିମ୍ନମାନର କାର୍ଯ୍ୟ ନେଇ ଅସନ୍ତୋଷ

**ନୂଆଗାଁ,୧୨।୨(ଡି.ଏନ.ଏ.)**

■ଅଭିଯୋଗ ପରେ ବି ହେଉନି କାର୍ଯ୍ୟାନୁଷ୍ଠାନ

■ଦୀର୍ଘଦିନ ହେଲା ଖୋଲୁନି ଆର୍‌ଡି କାର୍ଯ୍ୟାଳୟ

ଦେଶର ପ୍ରତି ଗାଁକୁ ରାସ୍ତା ସଂଯୋଗୀକରଣ ହୋଇପାରିଲେ ଯାତାୟାତ, ପରିବହନର ସୁବିଧା ସହ ଦେଶର ବିକାଶ ହୋଇପାରିବ ବୋଲି କୁହାଯାଏ। ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ସଡ଼କ ନିର୍ମାଣ ନିମନ୍ତେ କୋଟି କୋଟି ଟଙ୍କା ବ୍ୟୟ କରାଯାଉଛି। କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଉଦାସୀନତା, ଅପାରଗତା, ଦୁର୍ନୀତି ଓ ତଦାରଖର ଅଭାବରୁ ଲୋକଙ୍କ ପାଖରେ ଯୋଜନାର ସଫଳତା ପହଞ୍ଚିପାରୁନି। ନୟାଗଡ଼ ଜିଲା ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଏଭଳି ନିମ୍ନମାନର କାର୍ଯ୍ୟ ନେଇ ଜନ ଅସନ୍ତୋଷ ବୃଦ୍ଧି ପାଉଥିବା ଦେଖାଦେଇଛି। ଏନେଇ ବାରମ୍ବାର ଅଭିଯୋଗ କରାଗଲେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସାଧାରଣ ଲୋକଙ୍କ ମଧ୍ୟରେ ଅନେକ ପ୍ରଶ୍ନବାଚୀ ସୃଷ୍ଟିହୋଇଛି। ବିଶେଷତଃ ଜିଲାର ନୂଆଗାଁ ବ୍ଲକ ଗ୍ରାମ୍ୟ ଉନ୍ନୟନ ବିଭାଗରେ ରାସ୍ତା ନିର୍ମାଣକୁ ନେଇ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ୫୭ ନଂ ଜାତୀୟ ରାଜପଥ ମହିପୁରଠାରୁ ନନ୍ଦିଘୋଷପୁର ପର୍ଯ୍ୟନ୍ତ ୫ କିମି ୩୦୦ ମି ରାସ୍ତା ନିର୍ମାଣ କରିବା ପାଇଁ ୨ କୋଟି ୭୫ ଲକ୍ଷ ୫୯ ହଜାର ୪୭୨ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ୨୦୧୪ ଜୁଲାଇରୁ ଆରମ୍ଭ କରାଯାଇ



ନିମ୍ନମାନର କାର୍ଯ୍ୟ ହୋଇଥିବା ରାସ୍ତା।

୨୦୧୬ ଜୁନ୍‌ରେ କାର୍ଯ୍ୟ ସାରିବା ପାଇଁ ନିର୍ଦ୍ଦେଶ ଥିଲା । ତେବେ ୨୦୧୮ରେ ଏହି କାର୍ଯ୍ୟ ସରିଥିଲା । ତେବେ କାର୍ଯ୍ୟ ସରିବାର ୧ ମାସ ପୂର୍ବରୁ ରାସ୍ତାରୁ ପିଚୁ ଉଠିଯାଇଛି। ସେହିପରି କୋରଡ଼ାଠାରୁ କୃଷ୍ଣପ୍ରସାଦ ୬କି.ମି ୬୨୪ ମି ରାସ୍ତା ନିର୍ମାଣ ପାଇଁ ୩ କୋଟି ୪ ଲକ୍ଷ ୭୦ ହଜାର ୪୦୨ ଟଙ୍କା ଦିଆଯାଇଥିଲା । କିନ୍ତୁ ତାହାର ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ହୋଇଥିବା ସ୍ଥାନୀୟ ଲୋକେ ଓ ସାମାଜିକ କର୍ମୀ ଅଭିଯୋଗ କରିଥିଲେ ମଧ୍ୟ ଏସ୍‌ଡିଓ ଏହାକୁ ଅସ୍ୱୀକାର କରିଥିବା କୁହାଯାଇଛି। ମହିପୁରଠାରୁ ପାରାଡ଼ିପି ପଞ୍ଚାୟତ ଦେଇ ସଙ୍କଡା ଯାଏ ୯ କି.ମି ରାସ୍ତା ପାଇଁ ୫ କୋଟି ୯୨ ଲକ୍ଷ ୭୬ ହଜାର ଟଙ୍କା ଅନୁଦାନ ଆସିଥିବାବେଳେ ଏହି କାର୍ଯ୍ୟ ମଧ୍ୟ ଅତି ନିମ୍ନମାନର ହୋଇଥିବା ଅଭିଯୋଗ ଆସିଛି। ରାସ୍ତାରେ ଖାଲଖମା ହେବା, ପିଚୁ ଉଠିଯିବା ଭଳି ଶୋଚନୀୟ ଅବସ୍ଥାକୁ ଗ୍ରାମବାସୀ ବିରୋଧ କରିବା ପରେ ମଧ୍ୟ କାମ ଠିକ୍ ଅଛି କହି ଅଧିକାରୀମାନେ ଭୁଆଁ ବୁଲାଉଥିବା ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ସେହିପରି ବେଳଦ୍ୱାରଠାରୁ କେପଟି ରାସ୍ତା ନିର୍ମାଣ ପାଇଁ ୧ କୋଟି ୨୭ ଲକ୍ଷ ୬୭ ହଜାର ୯୭୮ ଟଙ୍କା ମଞ୍ଜୁର ହୋଇଛି । ଏଥିରେ ମଧ୍ୟ ଦୁର୍ନୀତି ଓ କାର୍ଯ୍ୟ ନିମ୍ନମାନର ହୋଇଥିବା ଅଭିଯୋଗ ପ୍ରତି କୌଣସି ଅଧିକାରୀ ଦୃଷ୍ଟି ଦେଉନାହାନ୍ତି। ପ୍ରଶାସନିକ ଅଧିକାରୀ ଓ ଠିକାଦାରଙ୍କ ମଧ୍ୟରେ ଅହେତୁକ ଦୁର୍ନୀତି ଏବଂ ଅନେକ ସ୍ଥାନରେ ଆର୍‌ଡି ବିଭାଗ ଦ୍ୱାରା କାମ ସରିବା ପରେ ତାହାର ଟେଣ୍ଡର ହେଉଥିବା ଅଭିଯୋଗ ହେଉଛି। ଉଲ୍ଲେଖଯୋଗ୍ୟ, ନୂଆଗାଁଠାରେ ଆର୍‌ଡି କାର୍ଯ୍ୟାଳୟ ଥିଲେ ମଧ୍ୟ ତାହା ଅଧିକାଂଶ ସମୟରେ ଖୋଲାଯାଉ ନ ଥିବା ନେଇ ମଧ୍ୟ ଲୋକଙ୍କ ମଧ୍ୟରେ ବେଶ୍ ଅସନ୍ତୋଷ ସୃଷ୍ଟି ହୋଇଛି। ଏ ସମସ୍ୟା ନେଇ ବିଭାଗୀୟ ଏସ୍‌ଡିଓ ନାରାୟଣ ମୁର୍ମୁ କୁହନ୍ତି, ମହିପୁରଠାରୁ ସଙ୍କଡା ରାସ୍ତା କାମ ନିମ୍ନମାନର ହୋଇଛି । ତେଣୁ ମୁଁ ଠିକାଦରକୁ ତାଗିଦ୍ କରୁଛି ଉକ୍ତ କାମକୁ ଭଲରେ କରିବା ପାଇଁ । ଆଗକୁ କାର୍ଯ୍ୟରେ ଏଭଳି ନିମ୍ନମାନର ନ ହେବା ପ୍ରତି ପଦକ୍ଷେପ ଗ୍ରହଣ କରିବେ ବୋଲି ସେ କହିଛନ୍ତି।

# ବଧୂହତ୍ୟା ଅଭିଯୋଗ: ସ୍ୱାମୀ, ଶ୍ୱଶୁର ଗିରଫ

**ରଣପୁର,୧୨।୨(ସ୍ୱ.ପ୍ର.)**



ଅଭିଯୁକ୍ତ ସ୍ୱାମୀ।

ନୟାଗଡ଼ ଜିଲା ରଣପୁର ଥାନା ମହତପଲ୍ଲା ଗ୍ରାମରେ ମଙ୍ଗଳବାର ଶ୍ୱଶୁର ଘର ସମ୍ପତ୍ତି ଲୋଭରେ ସ୍ୱାମୀ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଥାନାରେ ଅଭିଯୋଗ ହୋଇଛି। ଏନେଇ ପୋଲିସ ୨୯/୧୯ରେ ଏକ ମାମଲା ରୁଜୁକରି ମହିଳାଙ୍କ ସ୍ୱାମୀ ପ୍ରତାପ କୁମାର ମହାପାତ୍ର (୩୦) ଓ ଶ୍ୱଶୁର ପ୍ରସନ୍ନ ମହାପାତ୍ରଙ୍କୁ ଗିରଫ କରିଛି। ମୃତଦେହ ଗ୍ରାମରୁ ଜବତ କରି ବ୍ୟବଚ୍ଛେଦ ପାଇଁ ରଣପୁର ଡାକ୍ତରଖାନା ପଠାଇଛି। ଅଭିଯୋଗରୁ ପ୍ରକାଶ ଯେ, ଖୋର୍ଦ୍ଧା ଜିଲା ବେଗୁନିଆ ଥାନା ଅଠରାଙ୍ଗ ଗ୍ରାମର ପୂର୍ଣ୍ଣଚନ୍ଦ୍ର ବେହେରାଙ୍କ ଏକମାତ୍ର ଝିଅ ସସ୍ମିତା ବେହେରା (୨୬)ଙ୍କ ବିବାହ ରଣପୁର ଥାନା ମହତପଲ୍ଲା ଗ୍ରାମର ପ୍ରସନ୍ନ ମହାପାତ୍ରଙ୍କ ବଡ ପୁଅ ପ୍ରତାପଙ୍କ ସହିତ ୨୦୧୪ ମାର୍ଚ୍ଚରେ ହୋଇଥିଲା। ଯୌତୁକ ବାବଦରେ ଝିଅଘର ୧ ଲକ୍ଷ ୩୦ହଜାର ଟଙ୍କା ସହିତ ସୁନା ଅଳଙ୍କାର ଓ ଘରର ଆସବାବପତ୍ର ଦେଇଥିଲେ। ବିଭିନ୍ନ ସମୟରେ ସସ୍ମିତାଙ୍କ ଶ୍ୱଶୁର ଘର ଲୋକମାନେ ବାପଘରୁ ଆଉ ଅଧିକ ଯୌତୁକ ଆଣିବା ପାଇଁ ତାଙ୍କ ଉପରେ ଚାପ ପକାଇ ତାଙ୍କୁ ନିର୍ଯାତନା ଦେଉଥିଲେ। ଏ ମଧ୍ୟରେ ୨ବର୍ଷ ତଳେ ସସ୍ମିତା ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତଥାପି ଶାଶୁ, ଶ୍ୱଶୁର ଓ ସ୍ୱାମୀ ତାଙ୍କୁ ମାଡ଼ ମାରୁଥିଲେ । ଗତ ମାସ ୨୭ତାରିଖରେ ପୂର୍ଣ୍ଣଚନ୍ଦ୍ରଙ୍କ ମା' ମରିଯିବାରୁ ଝିଅ ସ୍ୱାଇଁଙ୍କୁ ଶୁଦ୍ଧି ହେବା ପାଇଁ ତୁଠ ନିମନ୍ତ୍ରଣ କରିଥିଲେ । କିନ୍ତୁ ପ୍ରତାପ ସ୍ତ୍ରୀଙ୍କୁ କହିଥିଲେ, ତୁମ ବାପାଙ୍କର ପୁଅ ନ ଥିବାରୁ ତୁମର ସମସ୍ତ ସମ୍ପତ୍ତିକୁ ତୁମ ବାପା ମୋ ନାମରେ କଲେ ମୁଁ ତୁଠକୁ ଯିବି । ଏଥିରେ ସସ୍ମିତା ରାଜି ନ ହେବାରୁ ସେ ଶୁଦ୍ଧିକ୍ରିୟାକୁ ଯାଇ ନ ଥିଲେ। ଏହି ରାଗରେ ତାଙ୍କୁ ନିର୍ଯାତନା ଦେଇ ଆସୁଥିଲେ। ମଙ୍ଗଳବାର ସ୍ୱାମୀ, ଶାଶୁ,ଶ୍ୱଶୁର ମିଶି ତାଙ୍କୁ ମାଡ ମାରି ତଣ୍ଟି ଚିପି ହତ୍ୟାକରି ଘର ଫ୍ୟାନରେ ଝୁଲାଇ ଦେଇଥିବା ତାଙ୍କ ବାପା ଅଭିଯୋଗରେ ଦର୍ଶାଇଛନ୍ତି। ସେମାନେ ଝିଅ ଦେହ ଖରାପ ବୋଲି ବାପ ଘରକୁ ଜଣାଇଥିଲେ। ଝିଅର ବାପଘର ଲୋକମାନେ ଶ୍ୱଶୁର ଘରେ ପହଞ୍ଚି ସସ୍ମିତାଙ୍କ ମୃତଦେହ ଦେଖିବାକୁ ପାଇଥିଲେ। ଏନେଇ ଝିଅର ବାପା ରଣପୁର ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ପହଞ୍ଚି ମୃତଦେହ ଜବତ କରିବା ସହିତ ବାପପୁଅଙ୍କୁ ଗିରଫ କରି ଥାନାକୁ ଆଣିଥିଲା।

# ଜୁନିୟର ରେଡକ୍ରସ ମେଳା, ଶିକ୍ଷା ଶିବିର

**ନୂଆଗାଁ,୧୨।୨(ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ବ୍ଲକ ମହିପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ତିନିଦିନିଆ ୭ମ ଜିଲାସ୍ତରୀୟ ଜୁନିୟର ରେଡକ୍ରସ ମେଳା ଓ ଶିକ୍ଷା ଶିବିର ସୋମବାରଠାରୁ ଆରମ୍ଭ ହୋଇଛି। ନୟାଗଡ ଜିଲାର ସମସ୍ତ ଆଠଗୋଟି ବ୍ଲକର ୨୮୭ ଜଣ ଜୁନିୟର ରେଡକ୍ରସର ଛାତ୍ରୀଛାତ୍ର ଓ ୪୮ ଜଣ କାଉନସିଲର ଏଥିରେ ଯୋଗଦେଇଥିଲେ। ଅପରାହ୍ନ ୨ଟାରେ ପତାକା ଉତ୍ତୋଳନ ପରେ ଶିବିର ଉଦ୍‌ଘାଟନ କରାଯାଇଥିଲା। ସନ୍ଧ୍ୟାରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଚ, ଗୀତ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ମଙ୍ଗଳବାର ସକାଳେ ଯୋଗ ଓ ପ୍ରାଣାୟାମ ପରେ ଶିବିରାର୍ଥୀମାନେ କ୍ୟାମ୍ପସ ସଫା କରିଥିଲେ। ପୂର୍ବାହ୍ନ ୧୦ଟାଠାରୁ ବିଭିନ୍ନ ପ୍ରତିଯୋଗିତାମାନ ଅନୁଷ୍ଠିତ ହୋଇଥିଲା। ଶୁଭ୍ରାଂଶୁ ଶେଖର ସାମନ୍ତରାୟଙ୍କ ନେତୃତ୍ୱରେ ନୂଆଗାଁ ଦମକଳ ବାହିନୀର କର୍ମଚାରୀମାନେ ଶିବିରାର୍ଥୀଙ୍କୁ ନିଆଁ ଲିଭାଇବାର କୌଶଳ, କୌଣସି ସ୍ଥାନରେ ଦୁର୍ଘଟଣା ଘଟିଲେ ଆହତଙ୍କୁ




ପାଣିରେ ବୁଡ଼ିବାର କୌଶଳ ଶିକ୍ଷା ଦିଆଯାଉଛି।

ବୋହିନେବା ଓ ବଡ଼ ବଡ଼ ଅଟ୍ଟାଳିକାରେ ନିଆଁ ଲାଗିଲେ ସେଠାରୁ ଲୋକମାନଙ୍କୁ ଉଦ୍ଧାର କରିବାର କୌଶଳମାନ ଶିକ୍ଷା ଦେଇଥିଲେ। ଛାତ୍ରୀଛାତ୍ରଙ୍କୁ ସଡ଼କ ସୁରକ୍ଷା ଓ ଟ୍ରାଫିକ୍ ନିୟମ ବିଷୟରେ ଶିକ୍ଷା ଦିଆଯାଇଥିଲା। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । କ୍ରୀଡ଼ା ଓ ଶାରୀରିକ ପ୍ରଶିକ୍ଷକ ତ୍ରିନାଥ ସାହୁଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ଶିବିରରେ ଶିକ୍ଷକ ବିଜୟ ମହାପାତ୍ର , ସୁପ୍ରିୟା ଦେଈ, ସନ୍ନ୍ୟାସୀ ପ୍ରଧାନ, ଅଶୋକ ପ୍ରଧାନ ପ୍ରମୁଖ ବିଭିନ୍ନ ଦାୟିତ୍ୱ ବହନ କରିଥିଲେ । ବୁଧବାର ଶିବିରର ଉଦ୍‌ଯାପନୀ ଉତ୍ସବ ପାଳନ କରାଯିବ ବୋଲି ସଂଗଠନର ସମ୍ପାଦକ ନବକିଶୋର ନନ୍ଦ ସୂଚନା ଦେଇଛନ୍ତି।

# ଜରାନିବାସ ଉଦ୍‌ଘାଟିତ

**ଭାପୁର,୧୨।୨(ଡି.ଏନ୍.ଏ.)**

ସାମ୍ପ୍ରତିକ ସମାଜରେ ସାମାଜିକ ମୂଲ୍ୟବୋଧ କମିକମି ଯାଉଥିବା ବେଳେ ବୃଦ୍ଧାବୃଦ୍ଧଙ୍କୁ ଯୁବକମାନେ ବୋଝ ଭାବେ ଭାବୁଛନ୍ତି। ଏପରି କି ଗାଁ ଗଣ୍ଡାରେ ବୃଦ୍ଧ ମାତାପିତାଙ୍କୁ ତାଙ୍କ ଦାୟାଦମାନେ ଅଣଦେଖା କରୁଥିବାର କରୁଣ ଦୃଶ୍ୟ ଦେଖିବାକୁ ମିଳୁଛି। ଏହାକୁ ହୃଦୟଙ୍ଗମ କରି ନୟାଗଡ଼ ଜିଲା ଭାପୁର ବ୍ଲକ କଇଁଫୁଲିଆ ଗ୍ରାମର ୪/୫ଜଣ ଯୁବକ ଏକ ଜରାନିବାସ ପ୍ରତିଷ୍ଠା କରିଛନ୍ତି। ସେମାନେ ଗ୍ରାମର ଏକ ଭଡାଘରେ ଜରାନିବାସ ସାଙ୍ଗକୁ ପାଠାଗାର ସ୍ଥାପନ କରିଛନ୍ତି। ଏଥିପାଇଁ ଗଠନ ହୋଇଥିବା କମିଟିରେ ସଭାପତି ଭାବେ ମନୋରଞ୍ଜନ ବାରିକ, ଉପସଭାପତି ହେମନ୍ତ ସାହୁ, ସମ୍ପାଦକ ମିହିର ଷଡ଼ଙ୍ଗୀ ଓ କୋଷାଧ୍ୟକ୍ଷ ତାପସ ମହାରଣା ଦାୟିତ୍ୱ ନେଇଛନ୍ତି। ରବିବାର ଏହାକୁ ଉଦ୍‌ଘାଟନ କରିବା ଅବସରରେ ଶିକ୍ଷାବିତ୍ ବିଦ୍ୟାଧର ତ୍ରିପାଠୀ, ନିରଞ୍ଜନ ଷଡ଼ଙ୍ଗୀ, ସତ୍ୟ ମହାରଣା, ବୁଲୁ ରାଉତ, କଇଁଫୁଲିଆ ସରପଞ୍ଚ ପ୍ରତିନିଧି ଓ ସମିତିସଭ୍ୟାଙ୍କ ପ୍ରତିନିଧି ଉପସ୍ଥିତ ଥିଲେ।

# ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ

**ବୋଲଗଡ଼,୧୨।୨(ଡି.ଏନ.ଏ.)**

■ଋଣ ବାବଦରେ ପରିଶୋଧ ହେବ ନାହିଁ କାଳିଆ ଯୋଜନା ଅର୍ଥ

■୧୧୫୩ ସ୍ୱୟଂ ସହାୟକ ଗୋଷ୍ଠୀ ସହ ବ୍ୟାଙ୍କ ଲିଙ୍କେଜ୍ ଲକ୍ଷ୍ୟ

ବୋଲଗଡ଼ ବ୍ଲକ କାର୍ଯ୍ୟାଳୟ ପରିସର ସମ୍ମିଳନୀ କକ୍ଷରେ ମଙ୍ଗଳବାର ବ୍ଲକସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଋଣଖିଲାପି ଚାଷୀଙ୍କ ଆକାଉଣ୍ଟରୁ କାଳିଆ ଯୋଜନା ବାବଦ ପ୍ରଦତ୍ତ ଅର୍ଥକୁ ପରିଶୋଧ ବାବଦରେ ନ କାଟିବାକୁ ବୈଠକରେ ପ୍ରସ୍ତାବ ଗୃହୀତ ହୋଇଛି। ଜିଲାପାଳଙ୍କ ନିର୍ଦ୍ଦେଶାନୁସାରେ ବ୍ଲକ ଅଞ୍ଚଳର ୧୧୫୩ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ବ୍ୟାଙ୍କ୍ ସହ ଲିଙ୍କେଜ୍ କରାଯିବାକୁ ମଧ୍ୟ ଲକ୍ଷ୍ୟ ଧାର୍ଯ୍ୟ ରହିଛି। ଏ ପର୍ଯ୍ୟନ୍ତ ୫୨୦ଟି ଲିଙ୍କେଜ୍ ହୋଇସାରିଛି । ଅବଶିଷ୍ଟ ୬୩୩ ଗୋଷ୍ଠୀର ଲିଙ୍କେଜ୍ କାର୍ଯ୍ୟରେ ବ୍ୟାଙ୍କ କର୍ତ୍ତୃପକ୍ଷ ସହଯୋଗ କରିବାକୁ ବିଡିଓ କହିଥିଲେ। କୃଷି ଏବଂ ମତ୍ସ୍ୟଚାଷ ଋଣ ପ୍ରଦାନରେ ସହଯୋଗ କରିବା, ବ୍ଲକର ୧୭ଟି ସ୍ୱୟଂ ସହାୟକ ଗୋଷ୍ଠୀ ମତ୍ସ୍ୟଚାଷ ପାଇଁ ପଞ୍ଚାୟତର ପୋଖରୀ ନିଲାମ ନେଇଥିବା ନେଇ ବୈଠକରେ ଆଲୋଚନା କରାଯାଇଥିଲା । ବିଡିଓ ମଧୁସୂଦନ ବେହେରା ବୈଠକରେ ଅଧ୍ୟକ୍ଷତା କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକସ୍ଥ ୧୧ଟି ବ୍ୟାଙ୍କ ଶାଖା ପରିଚାଳକ ଉପସ୍ଥିତ ଥିଲେ। ଲିଡ୍ ବ୍ୟାଙ୍କ ମ୍ୟାନେଜର ଜଗବନ୍ଧୁ ଦାସ ଓ ଖୋର୍ଦ୍ଧା ଜିଲା ଫାଇନାନ୍‌ସିଆଲ ଇନ୍‌କ୍ଲୁଜନ କୋର୍ଡିନେଟର ଗୋବିନ୍ଦ ଚନ୍ଦ୍ର ବରାଳ, ବିପିଏମ୍ ପ୍ରକାଶ ବଳିୟାରସିଂହ ପ୍ରମୁଖ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ।



ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

# ଭାପୁର ବ୍ଲକରେ ବିଭିନ୍ନ ପଦବୀ ଖାଲି: ପ୍ରଶାସନିକ କାର୍ଯ୍ୟରେ ସ୍ଥାଣୁତା

**ଭାପୁର,୧୨।୨(ଡି.ଏନ୍.ଏ.):** ନୟାଗଡ଼ ଜିଲା ଭାପୁର ବ୍ଲକର ବିଭିନ୍ନ ମୁଖ୍ୟ ପଦବୀ ଖାଲି ପଡିଥିବାରୁ ପ୍ରଶାସନିକ କାର୍ଯ୍ୟରେ ଏକପ୍ରକାର ସ୍ଥାଣୁତା ପରିଲକ୍ଷିତ ହୋଇଛି। ବ୍ଲକର ମୁଖ୍ୟ ଭାବେ କୁହାଯାଉଥିବା ବିଡିଓଙ୍କ ସମେତ ତହସିଲଦାର, ଥାନା ଅଧିକାରୀ, ମୁଖ୍ୟ ଡାକ୍ତର ଓ ଅନେକ ସହାୟକ ପଦବୀ ଖାଲି ରହିଛି। ବିଡିଓ ପଦବୀ ୫/୬ ମାସ ହେଲା ଖାଲି ପଡିଛି। ବିଡିଓ ସୁଷମା ବାରିକଙ୍କ ବଦଳି ପରେ ଏବିଡିଓ ଅନ୍ତର୍ଯାମୀ ଦାଶ ଅତିରିକ୍ତ ଭାବେ ଏହି ଦାୟିତ୍ୱ ତୁଲାଉଛନ୍ତି। ସେହିଭଳି ଦୀର୍ଘ ୧ବର୍ଷରୁ ଊର୍ଦ୍ଧ୍ୱ ହେବ ଭାପୁର ତହସିଲଦାର ପଦ ଶୂନ୍ୟ ରହିଛି। ଏଠାରେ ଅବସ୍ଥାପିତ ଅତିରିକ୍ତ ତହସିଲଦାର ତୃପ୍ତି ମହାନ୍ତି ଏହି ଦାୟିତ୍ୱରେ ଅଛନ୍ତି। ଏହାବାଦ୍ ତହସିଲ ଅଫିସରେ କର୍ମଚାରୀ ଅଭାବ ଯୋଗୁ ବିଭିନ୍ନ କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି। ଭାପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଡାକ୍ତର ଅରବିନ୍ଦ ମହାପାତ୍ରଙ୍କ ପରେ ଡ. ଅଶୋକ ମଲ୍ଲିକ ରୋଗୀସେବା ଯୋଗାଉଥିଲେ। ହେଲେ ତାଙ୍କର ପ୍ରମୋଶନ ପରେ ୩ମାସ ହେଲା ଏଠାରେ ଏହି ପଦବୀ ଖାଲି ରହିଛି। ରୋଗୀ ସେବା ଏବେ ଜଣେ ଡାକ୍ତରଙ୍କ ଉପରେ ନିର୍ଭର କରିଛି। ଡ. ଅନ୍ନଦା ତ୍ରିପାଠୀ ନ ଥିଲା ସମୟରେ ଆୟୁଷ ଡାକ୍ତରଙ୍କ ଦ୍ୱାରା ରୋଗୀସେବା ଯୋଗାଯାଉଛି। ସେହିଭଳି ନିମାଣି, ବାଘୁଆପଲ୍ଲୀ ଓ ପଦ୍ମାବତୀରେ ଡାକ୍ତର ଅଭାବ ଯୋଗୁ ରୋଗୀସେବା ବାଧାପ୍ରାପ୍ତ ହେଉଛି। ବ୍ଲକ ଅଫିସଠାରୁ ୪କିମି ଦୂରରେ ଥିବା ଫତେଗଡ଼ ଥାନାରେ ଏବେ ଥାନାଧିକାରୀ ପଦବୀ ଖାଲି ପଡିଛି। ଆଇଆଇସି ଆଶୁତୋଷ ମିଶ୍ରଙ୍କ ବଦଳି ପରେ ଖଣ୍ଡପଡ଼ା ଥାନା ଅଧିକାରୀ ବିମଳ ମଲ୍ଲିକ ଏହି ଥାନାର ଅତିରିକ୍ତ ଦାୟିତ୍ୱ ନେଇଛନ୍ତି। ଜଣେ ଅଧିକାରୀ ଦୁଇଟି ଥାନା ଦାୟିତ୍ୱରେ ଥିବାରୁ ଲୋକମାନେ ତ୍ୱରିତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି। ଆଉ ମାତ୍ର ୨ମାସ ଭିତରେ ସାଧାରଣ ନିର୍ବାଚନ ହେବାକୁ ଯାଉଥିବାରୁ ଜିଲାପାଳ ଓ ଏସ୍‌ପି ଏହି ପଦବୀଗୁଡ଼ିକ ପୂରଣ ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ନୂତନ ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ

**ଖଣ୍ଡପଡା,୧୨।୨(ସ୍ୱ.ପ୍ର.):** ଖଣ୍ଡପଡା ବ୍ଲକ ଅଧୀନ ଗୁଣ୍ଠୁଣୀ ପଞ୍ଚାୟତର ରଘୁନାଥପୁର ଗ୍ରାମଠାରେ ନୂତନ ପାନୀୟଜଳ ପ୍ରକଳ୍ପ ଲୋକାର୍ପିତ ହୋଇଛି। ଏହାକୁ ମଙ୍ଗଳବାର ଅପରାହ୍ନରେ ବିଧାୟକ ଅନୁଭବ ପଟ୍ଟନାୟକ ଲୋକାର୍ପଣ କରିଥିଲେ । ଉକ୍ତ ନୂତନ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବା ଦ୍ୱାରା ରଘୁନାଥପୁର ଗ୍ରାମବାସୀ ଦୀର୍ଘବର୍ଷ ପରେ ପାଇପଲାଇନ ଯୋଗେ ସ୍ୱଚ୍ଛ ପାନୀୟଜଳ ପାଇପାରିବେ ବୋଲି ବିଭାଗୀୟ କନିଷ୍ଠ ଯନ୍ତ୍ରୀ ଜୟନ୍ତ କୁମାର ସେଠ ସୂଚନା ଦେଇଛନ୍ତି। ନିକଟସ୍ଥ ଡାହୁକା ନଦୀପଠାରେ ୪୦.୩୨ ଲକ୍ଷ ଟଙ୍କା ବ୍ୟୟରେ ଏହି ନୂତନ ପାନୀୟଜଳ ପ୍ରକଳ୍ପ ସ୍ଥାପିତ ହୋଇଥିବା ଖଣ୍ଡପଡା ଗ୍ରାମ୍ୟ ଜଳଯୋଗାଣ ଓ ପରିମଳ ବିଭାଗ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ସୂଚନା ଯୋଗ୍ୟ ଯେ, ଦିର୍ଘବର୍ଷ ଧରି ରଘୁନାଥପୁର ଗ୍ରାମବାସୀ ଫ୍ଲୋରାଇଡ୍ ଯୁକ୍ତ ପାଣି ବ୍ୟବହାର କରି ବିଭିନ୍ନ ମାରାତ୍ମକ ରୋଗର ଶିକାର ହୋଇ ଆସୁଥିଲେ। ବିଧାୟକଙ୍କ ପ୍ରଚେଷ୍ଟା କ୍ରମେ ନୂତନ ପାନୀୟ ଜଳ ପ୍ରକଳ୍ପଟି କାର୍ଯ୍ୟକ୍ଷମ ହୋଇଥିବାରୁ ରଘୁନାଥପୁର ଗ୍ରାମବାସୀଙ୍କ ମଧ୍ୟରେ ଆନନ୍ଦ ପ୍ରକାଶ ପାଇଛି।

# ଲୁଣିଝରା ମାଳବନ୍ଧର ଉନ୍ନତୀକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ

**ଖଣ୍ଡପଡା,୧୨।୨(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅଧୀନ ଗୁଣ୍ଠୁଣୀ ପଞ୍ଚାୟତ ଦେଇ ପ୍ରବାହିତ ଲୁଣିଝରା ନଦୀ ବାମ ପାର୍ଶ୍ୱ ମାଳବନ୍ଧର ଉନ୍ନତିକରଣ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ମଙ୍ଗଳବାର ଅପରାହ୍ନରେ ଚଣ୍ଡିଗ୍ରାମଦେବତୀଙ୍କ ପୀଠଠାରେ ଆୟୋଜିତ ଏକ ସମାବେଶରେ ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଉକ୍ତ କାର୍ଯ୍ୟ ନିମନ୍ତେ ରାଜ୍ୟ ସରକାର କଣ୍ଟିଲୋ ଜଳସମ୍ପଦ ବିଭାଗ ଜରିଆରେ ୩୧.୨୫ ଲକ୍ଷ ଟଙ୍କା ମଞ୍ଜୁର କରିଥିବା ଜଣାଯାଇଛି। ଅନୁଦାନ ଅର୍ଥରେ କ୍ଷତିଗ୍ରସ୍ତ ମାଳବନ୍ଧର ଉନ୍ନତୀକରଣ କାର୍ଯ୍ୟ କରାଯିବ ବୋଲି ବିଭାଗୀୟ କନିଷ୍ଠଯନ୍ତ୍ରୀ ଇଂ ସସ୍ମିତା ସାହୁ ସୂଚନା ଦେଇଥିବା ବେଳେ ଆସନ୍ତା ୨ମାସ ମଧ୍ୟରେ ଏହି କାର୍ଯ୍ୟ ଶେଷ ହେବ ବୋଲି ଜଣାପଡିଛି। ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଗୁଣ୍ଠୁଣୀ ସରପଞ୍ଚ ରବୀନ୍ଦ୍ର କୁମାର ମହାନ୍ତି, ସମିତିସଭ୍ୟ ନାରାୟଣ ଜେନା, ପୂର୍ବତନ ସରପଞ୍ଚ ଶୁକଦେବ ଜେନା, ପୂର୍ବତନ ସମିତିସଭ୍ୟ କୃପାସିନ୍ଧୁ ପ୍ରଧାନ, ସଂଗଠକ ସନ୍ତୋଷ କୁମାର ଷଡଙ୍ଗୀ, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ପ୍ରଫୁଲ୍ଲ କୁମାର ନାୟକ ଓ ଯୁବ ବିଜେଡି ସଭାପତି ଅଶୋକ କୁମାର ନାୟକ ଉପସ୍ଥିତଥିଲେ।



ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ବିଧାୟକ ଓ ଅନ୍ୟମାନେ।

## ଆର୍‌ଡବ୍ଲ୍ୟୁଏସ୍‌ଏସ୍ କୋଠା ମରାମତି, ଭୂତଳ ପାଇପ୍‌ଲାଇନ୍ କାମରେ ଦୁର୍ନୀତି

# ଟେଣ୍ଡର ପ୍ରକ୍ରିୟା ସରିନି, କାମ ଶେଷ

**ପୁରୀ ଅଫିସ,୧୨।୨**

■୬,୪୨, ୮୧୯ଟଙ୍କାର ଦୁର୍ନୀତି ଅଭିଯୋଗ

■ପୁରୀ ଭିଜିଲାନ୍ସ ନିକଟରେ ଅଭିଯୋଗ

କୃଷ୍ଣପ୍ରସାଦ ବ୍ଲକ ଗ୍ରାମୀଣ ଜଳଯୋଗାଣ ଓ ପରିମଳ ସଂସ୍ଥା (ଆର୍‌ଡବ୍ଲ୍ୟୁଏସ୍‌ଏସ୍)ର କୋଠା ପୁନରୁଦ୍ଧାର ଏବଂ କ୍ଷତିଗ୍ରସ୍ତ ଭୂତଳ ପାଇପ୍‌ଲାଇନ ମରାମତି ଲାଗି ଟେଣ୍ଡର ଆହ୍ୱାନ କରାଯାଇଥିଲା। ମଙ୍ଗଳବାର ଟେଣ୍ଡର ଆବେଦନର ଶେଷ ତାରିଖ ଥିଲା। ତେବେ ଟେଣ୍ଡର ପ୍ରକ୍ରିୟା ସମାପ୍ତ ହୋଇ ନ ଥିବା ବେଳେ କୋଠା ପୁନରୁଦ୍ଧାର ଏବଂ ଭୂତଳ ପାଇପ୍‌ଲାଇନ ମରାମତି କାମ ସରିଥିବା ଜଣାପଡିଛି। ଏନେଇ ମଙ୍ଗଳବାର ଗୁରୁପ୍ରସାଦ ମହାନ୍ତ ନାମକ ଜନୈକ ଠିକାଦାର ୬ ଲକ୍ଷ ୪୨ ହଜାର ୮୧୯ ଟଙ୍କାର ଦୁର୍ନୀତି ହୋଇଥିବା ପୁରୀ ଭିଜିଲାନ୍ସ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାର ନିରପେକ୍ଷ ତଦନ୍ତ ଲାଗି ସେ ଦାବି କରିଛନ୍ତି।

ଅଭିଯୋଗରେ ସେ ଦର୍ଶାଇଛନ୍ତି ଯେ, କୃଷ୍ଣପ୍ରସାଦ ବ୍ଲକ ଆରଡବ୍ଲ୍ୟୁଏସଏସ କୋଠା ପୁନରୁଦ୍ଧାର ଲାଗି ୩ଲକ୍ଷ ୨୫ହଜାର ୧୨୬ଟଙ୍କା ଏବଂ ଭୂତଳ ପାଇପ୍‌ଲାଇନ ମରାମତି ଲାଗି ୩ଲକ୍ଷ ୧୭ହଜାର ୬୯୩ଟଙ୍କାର ଦୁଇଟି ପୃଥକ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏଥିଲାଗି ଫେବୃୟାରୀ ୨ରୁ ୧୧ ତାରିଖ ପର୍ଯ୍ୟନ୍ତ ଟେଣ୍ଡର ପେପର ବିକ୍ରି ଏବଂ ୧୨ତାରିଖ ଅପରାହ୍ନ ୪ଟା ପର୍ଯ୍ୟନ୍ତ ଆବେଦନ ଶେଷ ତାରିଖ ରହିଥିଲା। ଉପରୋକ୍ତ ଦୁଇଟି କାର୍ଯ୍ୟକୁ ଗୁପ୍ତ ଭାବେ ସାରି ଦିଆଯାଇଛି। ଅନ୍ୟପଟେ ଟଙ୍କା ହଡପ ଲାଗି ଟେଣ୍ଡର ପ୍ରକ୍ରିୟା ଜାରି ରହିଥିଲେ ହେଁ ଟେଣ୍ଡର ଲାଗି ଇଚ୍ଛୁକ ଠିକାଦାରଙ୍କୁ ଫର୍ମ ଦିଆଯାଇ ନ ଥିଲା। ଟେଣ୍ଡର ଆବେଦନ ସମୟରେ କନିଷ୍ଠ ଯନ୍ତ୍ରୀ ଉକ୍ତ କାର୍ଯ୍ୟ ଶେଷ ହୋଇଯାଇଥିବା ଟେଲିଫୋନରେ ଉତ୍ତର ଦେଇଥିବା ଠିକାଦାର ଗୁରୁପ୍ରସାଦ ଅଭିଯୋଗରେ ଦର୍ଶାଇଛନ୍ତି।

ଏହାକୁ କନିଷ୍ଠ ଯନ୍ତ୍ରୀ ଶୁଭେନ୍ଦୁ ସାହୁ ସ୍ୱୀକାର କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାରଣରୁ ଏହାକୁ ଶେଷ କରି ଦିଆଯାଇଥିବା ସେ କହିଛନ୍ତି। କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସନ୍ତ ନାୟକଙ୍କୁ (ମୋବାଇଲ ନଂ. ୮୨୮୦୪୦୮୦୬୦) ଫୋନ୍ କରାଯାଇଥିବା ବେଳେ ସେ ରିସିଭ୍ କରି ନ ଥିଲେ। ପୁରୀ ଭିଜିଲାନ୍ସ ଏହାର ବିଧିବଦ୍ଧ ଭାବେ ତଦନ୍ତ ଆରମ୍ଭ କରିଛି। ଭିଜିଲାନ୍ସ ଡିଏସ୍‌ପି ହରିନାରାୟଣ ପତି କୁହନ୍ତି, ଏନେଇ ଅଭିଯୋଗ ଆସିଛି। ପ୍ରଥମ ପର୍ଯ୍ୟାୟରେ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ଓ କାର୍ଯ୍ୟନିର୍ବାହୀ ଯନ୍ତ୍ରୀଙ୍କ ସହ ଟେଣ୍ଡର ସମ୍ପର୍କରେ ଆଲୋଚନା କରାଯାଇଛି। ଅନିୟମିତତା ହୋଇଥିବା ପ୍ରମାଣିତ ହେଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ।

